# ଘୂର୍ଣ୍ଣି ଝଡ଼ରେ ବ୍ୟାପକ କ୍ଷୟକ୍ଷତି


ଘୂର୍ଣ୍ଣି ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଘରକୁ ଲୋକେ ସଜାଡୁଛନ୍ତି।

**କାଳିଆପାଣି, ୨୮।୩(ଅସିତ ମହାନ୍ତ):**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅଞ୍ଚଳରେ ଶୁକ୍ରବାର ରାତି ୯ଟାରେ ଅଚାନକ ଘୂର୍ଣ୍ଣିଝଡ଼ ହୋଇଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘୂର୍ଣ୍ଣିଝଡ଼ରେ ଉକ୍ତ ପଞ୍ଚାୟତ ପାଟଣା ଗାଁର ଅନେକ ଘର ଛପର ଉଡ଼ିଯିବା ସହ ବହୁ ଗଛ ଭାଙ୍ଗିପଡ଼ିଛି। ଗାଁର ସାଗର ଦେହୁରୀଙ୍କ ଘର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ସେହିପରି ଧବାହାଳି ଗାଁର ସୁମିତ୍ରା ମହାକୁଡ ଓ ପୁରସ୍ତମ ମହାନ୍ତଙ୍କ ଘର ଛପର ଉଡ଼ିଯାଇଛି। ରାଗଦା ଗାଁରେ ମଧ୍ୟ କିଛି ଘର ଟାଇଲ ଛପର ଉଡ଼ିଯାଇଛି। ଖବର ପାଇ ଖଣି ଅଞ୍ଚଳ ଭାଜପା ଉପସଭାପତି ବେଣୁଧର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ଭାଜପାନେତା ରମଣୀ ରଞ୍ଜନ ବଳସାମନ୍ତଙ୍କୁ ଯୋଗାଯୋଗ କରିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ବଳସାମନ୍ତ କ୍ଷତିଗ୍ରସ୍ତ ପରିବାରଙ୍କ ନିକରେ ପହଞ୍ଚି ସାନ୍ତ୍ୱନା ଦେବା ସହ ସୁକିନ୍ଦା ବିଡିଓ ଏବଂ ତହସିଲଦାରଙ୍କୁ ଅବଗତ କରାଇ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଦେବାକୁ ଅନୁରୋଧ କରିଥିଲେ।

## ଅଗ୍ନିକାଣ୍ଡରୁ ବର୍ତ୍ତିଲା ତେଲ ଟ୍ୟାଙ୍କର

**କେନ୍ଦ୍ରାପଡା, ୨୮।୩ (ଜଗନ୍ନାଥ ଧଳ)**

ଏକ ବଡ଼ ଧରଣର ଅଗ୍ନିକାଣ୍ଡରୁ ତେଲ ଟ୍ୟାଙ୍କର ବର୍ତ୍ତିଯାଇଛି। ଡ୍ରାଇଭରର ଉପସ୍ଥିତି ବୁଦ୍ଧି ଯୋଗୁ ଏହି ଅଗ୍ନିକାଣ୍ଡରୁ ମୁକ୍ତି ମିଳିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଚଣ୍ଡିଖୋଲ- ପାରାଦୀପ ଜାତୀୟ ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଛକରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର ଏକ ତେଲ ଟ୍ୟାଙ୍କର ଇଞ୍ଜିନରେ ହଠାତ ନିଆଁ ଲାଗି ଯାଇଥିଲା। ଟ୍ୟାଙ୍କର ଡ୍ରାଇଭର ଉପସ୍ଥିତି ବୁଦ୍ଧି ଖଟାଇ ଗାଡିରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସାହଯ୍ୟରେ ନିଆଁକୁ ଲିଭାଇ ଥିଲେ। ଖବର ପାଇଁ ଅଗ୍ନିଶମ ବାହିନୀ ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟ୍ୟାଙ୍କର ଇଞ୍ଜିନରେ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଡ୍ରାଇଭର ସୂଚନା ଦେଇଛନ୍ତି।

## କଳିଙ୍ଗନଗର ବାର ଆସୋସିଏଶନ ନିର୍ବାଚନ


ସଭାପତି ମନୀନ୍ଦ୍ର ଧଳ।


ସମ୍ପାଦକ ନବକିଶୋର ସାହୁ,

### ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ବ୍ୟାସନଗର, ୨୮।୩(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ କଳିଙ୍ଗନଗର ବାର ଆସୋସିଏଶନର ନିର୍ବାଚନ ବ୍ୟାସନଗର ତହସିଲ ପରିସରରେ ଥିବା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସମସ୍ତ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ସଭାପତି ଭାବେ ମନୀନ୍ଦ୍ର ଧଳ, ଉପସଭାପତି ମହେନ୍ଦ୍ର ସାହୁ, ସମ୍ପାଦକ ନବକିଶୋର ସାହୁ, ଯୁଗ୍ମ ସମ୍ପାଦକ ଶୁଭଦର୍ଶୀ ମଲ୍ଲ, ସହସମ୍ପାଦକ ଯତୀନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଅରୁଣ ବୋଇତାଇ, କାର୍ଯ୍ୟକାରୀ କମିଟିର ସଭ୍ୟଭାବେ ଅଜୟ ମଲ୍ଲିକ, ପ୍ରକାଶ ଚନ୍ଦ୍ର ଜେନା, ଅଜୟ ସାମଲ, ପ୍ରଶାନ୍ତ ପେରେଇ ଓ ତିତିକ୍ଷା ଧଳ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଣୟ ନାୟକ ସୂଚନା ଦେଇଛନ୍ତି।

## ଟ୍ୟାକ୍ସି ମାଲିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

**ରସୁଲପୁର, ୨୮।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରର ମା' ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡଠାରେ ଟ୍ୟାକ୍ସି ମାଲିକ ସଂଘ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ସ୍ୱଳ୍ପ ପରିବହନରେ ନିୟୋଜିତ ଚାଳକ ଓ ଖଲାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯିବା ସହ ଆଖିର ଯତ୍ନ ନେବାପାଇଁ ଆବଶ୍ୟକ ପରାମର୍ଶ ଦିଆଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରର ଚକ୍ଷୁ ବିଭାଗ ସ୍ପେଶାଲିଷ୍ଟ ଡାକ୍ତର ସ୍ନେହାଶିଷ ଦୀକ୍ଷିତ, ସମ୍ମାନିତ ଅତିଥି ଭାବରେ ରାଜ୍ୟ ସଡ଼କ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ସହକାରୀ ମୋଟରଯାନ ନିରୀକ୍ଷକ ପ୍ରଦୀପ୍ତ କିଶୋର ବେହେରା, ସହକାରୀ ପରିବହନ ନିରୀକ୍ଷକ ରାଜେଶ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଗାଡ଼ିରେ କାର୍ଯ୍ୟରତ ଚାଳକ ଓ ଖଲାସୀଙ୍କ ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରକୁ ଚକ୍ଷୁ ଚିକିତ୍ସକ ରାଜଲକ୍ଷ୍ମୀ ସ୍ୱାଇଁ ଓ ଅନ୍ୟ ସହକାରୀ ସ୍ୱାସ୍ଥ୍ୟକର୍ମୀ ପରିଚାଳନା କରିଥିଲେ। ଜ୍ଞାନରଞ୍ଜନ ମହାନ୍ତି, ପ୍ରଦୀପ କୁମାର ସାହୁ, ବାବୁଲି ସାହୁ, ଧନେଶ୍ୱର ସିଅ, ରମେଶ ସାହୁ, ଟୁକୁନା ବାରିକ, ନରହରି ବେହେରାଙ୍କ ସମେତ ସଂଘର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଚାଳକ ଓ ଖଲାସି ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ଜୟଦେବ ଗୁରୁ ଧନ୍ୟବାଦ ଦେଇଥିଲେ।

## ଘର ପୋଡ଼ି ଅଭିଯୋଗ:ଜଳିଗଲା ସ୍କୁଟି, ୩ ଛେଳି ଜୀବନ୍ତ ଦଗ୍ଧ

**ଚଣ୍ଡିଖୋଲ, ୨୮।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଘର ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ଘରେ ଥିବା ଏକ ସ୍କୁଟି, ୧୫ ହଜାର ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି। ଏଥିସହିତ ୩ଟି ଛେଳି ଜୀବନ୍ଦ ଦଗ୍ଧ ହୋଇଛନ୍ତି। ଏନେଇ ଘର ମାଲିକ ଜଲାଲ ଖାଁଙ୍କ ସ୍ତ୍ରୀ ମମତାଜ ବିବି ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବଶତ୍ରୁତାରୁ ଗ୍ରାମର ଫୁରୁଖାନ ଖାଁ ରାତି ୨ଟାରେ ନିଆଁ ଲଗାଇ ଦେଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।



ଏଥିସହିତ ଫୁରଖାନଙ୍କ ମୋବାଇଲକୁ ଘଟଣାସ୍ଥଳରୁ ପାଇ ଜଲାଲ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏନେଇ ପୋଲିସ ନଂ. ୧୧୫/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଏସ୍‌ଆଇ ହରିଶ ଚନ୍ଦ୍ର ସିଂହ ସୂଚନା ଦେଇଛନ୍ତି।

## ବିଶ୍ୱକଲ୍ୟାଣ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ବିଞ୍ଝାରପୁର, ୨୮।୩(ରାମକୃଷ୍ଣ ଦାସ):**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଅଭାବନୀୟ ପରିସ୍ଥିତିର ସମ୍ମୁଖିନ ହୋଇଛି, ଯାହାକି ବିଶ୍ୱପାଇଁ ଚିନ୍ତାର କାରଣ ପାଲଟିଛି। ଏଥିରୁ ମୁକ୍ତି ପାଇବା ପାଇଁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁମ୍ଫାଛକସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କ ଏହି ପୂଜାରେ ସାମାଜିକ କର୍ମୀ ପୁପୁନ ଦାସ ସଙ୍କଳ୍ପ କରିଥିଲେ। ପୀଠର ମୁଖ୍ୟ ପୂଜକ ପଣ୍ଡିତ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜାନନ ପତି, ପର୍ଶୁରାମ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୂଜା ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମୌତ୍ରୀକେତନ ବାରିକ ଓ ସୌଭାଗ୍ୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## କବିତା ସଂକଳନ 'ଅଲୋଡ଼ା ଈଶ୍ୱର' ଉନ୍ମୋଚିତ

**ବିଞ୍ଝାରପୁର, ୨୮।୩(ରାମକୃଷ୍ଣ ଦାସ):**

ଶ୍ରୀରାମ ନବମୀ ଅବସରରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଡିଆଟିକିରିଠାରେ କବି ଜିତେନ୍ଦ୍ର କୁମାର ବେହେରାଙ୍କ ରଚିତ କବିତା ସଂକଳନ 'ଅଲୋଡ଼ା ଈଶ୍ୱର' ଉନ୍ମୋଚିତ ହୋଇଯାଇଛି। ଏନେଇ ଗୀତିକବି ଅନିଲ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମିଳନୀର ସଭାପତି ରୁଦ୍ର ନାରାୟଣ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ, କବି ଶିବଚରଣ ମାଝୀ ଓ କବି ବିଦ୍ୟୁତ୍‌ଲତା ଦାସ ପ୍ରମୁଖ ଯୋଗଦେଇ ଜିତେନ୍ଦ୍ରଙ୍କ କବିତା ସଂକଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ନିତ୍ୟାନନ୍ଦ ମହାନ୍ତି କବିତା ପୁସ୍ତକର ସମୀକ୍ଷା କରିଥିଲେ। କବି ପ୍ରଭାତ ମଲ୍ଲିକ, ରାଜକିଶୋର ପଣ୍ଡା, ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ମଞ୍ଚର ସଭାପତି ଭକ୍ତଚରଣ ସାହୁ ଯୋଗଦେଇ ମନକୁ ଛୁଁ ଥିବା କବିତା ଲେଖାଗଲେ ଏହା ପାଠକଙ୍କ ମଧ୍ୟରେ ଆଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଅଜୟ ଜେନା, ଅଧ୍ୟାପକ ପ୍ରଦୀପ୍ତ ଦାସ, କବି ବନିତା ବେହେରା, ଖଗେଶ୍ୱର ସାହୁଙ୍କ ସଂଯୋଜନାରେ ନାରାୟଣ ମହାଳିକ, ରାମଚନ୍ଦ୍ର ଦାସ, ବିଦ୍ୟୁତ୍ ଲତା ଦାସ, କବି ଅମ୍ରିତା ସିଂ, ମଣ୍ଟୁ ବଳବନ୍ତରାୟ, ସୁବାସ ଚନ୍ଦ୍ର ସାହାଣୀ, ଅନିଲ ମହାନ୍ତି, ସୁଦର୍ଶନ ସାହୁ, ଚନ୍ଦ୍ର ଶେଖର ସାହୁ, ସୁସ୍ମିତା ଦାସ ପ୍ରମୁଖ କବୟିତ୍ରୀକବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବି ଜିତେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



କବିତା ସଂକଳନ 'ଅଲୋଡ଼ା ଈଶ୍ୱର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ୭ମ ଦିନରେ ଗାଡ଼ି ଯାଞ୍ଚ: ୫ ଲକ୍ଷ ଟଙ୍କା ଜରିମାନା ଆଦାୟ

**ବଡ଼ଚଣା, ୨୮।୩ (ଦିଲ୍ଲୀପ କୁମାର ମହାନ୍ତି):**

ରାଜ୍ୟରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ମିଳିତ ଗାଡ଼ିମୋଟର ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଣ୍ଡିଖୋଲ ଆରଟିଓ ପକ୍ଷରୁ ୭ମ ଦିନରେ ବଡ଼ଚଣା ଓ ବାଲିଚନ୍ଦ୍ରପୁର ଅଧୀନରେ ମିଳିତ ଯାଞ୍ଚ କରାଯାଇ ୮୬ ଅମାନିଆ ଓ ଠିକ କାଗଜପତ୍ର ନ ଥିବା ୮୬ ଗାଡ଼ିରୁ ୪ ଲକ୍ଷ ୬୮ ହଜାର ୮୭୦ ଟଙ୍କା ଜରିମାନା ଆଦାୟ ଆଦାୟ କରାଯାଇଛି। ଚଣ୍ଡିଖୋଲ ଆରଟିଓ ଅଧିକାରୀ ଶିଶିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବଡ଼ଚଣା ଓ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ମିଳିତ ଗାଡ଼ିଯାଞ୍ଚ କରାଯାଇ ଏହି ଜରିମାନା ଆଦାୟ କରାଯାଇଛି। ଏହି ଗାଡ଼ି ଯାଞ୍ଚ ପ୍ରକ୍ରିୟାରେ ୫୦୦ରୁ ଊର୍ଦ୍ଧ୍ୱ ଗାଡ଼ିରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚାଲାଣ କଟାଯାଇଥିବା ସୂଚନା ମିଳିଛି। ଗାଡ଼ି ଯାଞ୍ଚରେ ଟିଆଇ ଯୁଗଳ କିଶୋର ତିରିଆ, କନିଷ୍ଠ ଏମ୍‌ଭିଆଇ ଅବିନାଶ ସ୍ୱାଇଁ, ସ୍ୱାତୀ ସ୍ୱାଗତୀକାଙ୍କ ସହ ବଡ଼ଚଣା ଓ ବାଲିଚନ୍ଦ୍ରପୁର ଥାନା ପୋଲିସ ଟିମ୍ ସହଯୋଗ କରିଥିଲା। ଏହି ପର୍ଯ୍ୟାୟରେ ଶ୍ରୀରାମପୁର ଟୋଲପ୍ଲାଜାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏଥିରେ ବହୁ ଗାଡ଼ି ଚାଳକ ପହଞ୍ଚି ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ।

## ପୁଣି ବିବେକାନନ୍ଦ ସଭାପତି, ଧନେଶ୍ୱର ସମ୍ପାଦକ

### ଯାଜପୁର ଜିଲା ଟ୍ୟାକ୍ସ ବାର ନିର୍ବାଚନ

**ବ୍ୟାସନଗର, ୨୮।୩ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ଟାକ୍ସ ବାର ଆସୋସିଏଶନ ନିର୍ବାଚନ ଶନିବାର ବ୍ୟାସନଗରସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଭାବେ ଆଇନଜୀବୀ ବିବେକାନନ୍ଦ ମହାନ୍ତି ଓ ସମ୍ପାଦକ ଭାବେ ଧନେଶ୍ୱର ବାରିକ ପୁଣି ନିର୍ବାଚିତ ହୋଇଛନ୍ତି। ସଂଘ ଉପସଭାପତିଭାବେ ସସ୍ମିତା ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ ଶର୍ମା, ସହସମ୍ପାଦକ ଦୀପୁ ବାରିକ, କୋଷାଧ୍ୟକ୍ଷ ଅକ୍ଷୟ ବାରିକ ଓ ପାଠାଗାର ସମ୍ପାଦକ ଭାବେ ଦିଲୀପ ନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ଭାବେ ରାଜେନ୍ଦ୍ର ଧୀରସାମନ୍ତ, ରମାକାନ୍ତ ନନ୍ଦ ଓ ଚିତ୍ତରଞ୍ଜନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚେକିଂ ବେଳେ ଚୋରି ବାଇକ୍ ଜବତ, ଯୁବକ ଗିରଫ

**ବ୍ୟାସନଗର, ୨୮।୩ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ପୋଲିସ ଗାଡ଼ି ଚେକିଂ କରିବାବେଳେ ଏକ ଚୋରି ବାଇକ୍ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଯଖପୁରା ଥାନା ଦଶମାଣିଆ ଗ୍ରାମର ନରସିମା ପ୍ରଧାନ (୨୧)। ଯାଜପୁରରୋଡ୍ ଥାନା ଏଏସ୍‌ଆଇ ଚିତ୍ତରଞ୍ଜନ ଜେନା ସଦଳବଳ



ଶୁକ୍ରବାର ସନ୍ଧ୍ୟାରେ ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରିବା ସହ ଗାଡି ଚେକିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ବାଇକ୍‌ଓଡି୦୬ଡି୯୮୫୨ ଧରିଆସୁଥିଲେ। ପୋଲିସକୁ ଦେଖି ସେ ବାଇକ ଛାଡ଼ି ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ନଂ.୨୦୨/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଦନ୍ତ ଚିକିତ୍ସାଳୟର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ରସୁଲପୁର, ୨୮।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ସାରଙ୍ଗପୁର ମେଲଣ ପଡ଼ିଆଠାରେ ଦୀପକ ଏକ୍କରେ ଦ୍ୱାରା ପରିଚାଳିତ ଦନ୍ତ ଚିକିତ୍ସାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଏକ୍କରେର ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ବିଭାଗର ପ୍ରଫେସର ଡ. ନାରାୟଣ ବାରିକ୍, ସମ୍ମାନିତ ଅତିଥି ଭାବରେ କୋରେଇ କଲେଜର ଅଧ୍ୟାପକ ପ୍ରଫେସର ପ୍ରଶାନ୍ତ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଗରିବ ଓ ଆର୍ଥିକ ଅନଗ୍ରସର ଜନସାଧାରଣଙ୍କୁ ସୁବିଧାରେ ଚିକିତ୍ସା ଉପଲବ୍ଧ କରାଇବା ଚିକିତ୍ସାଳୟର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଦନ୍ତ ଓ କସ୍‌ମେଟିକ୍ ସର୍ଜନ ଡାକ୍ତର ଅର୍ପିତା ବାରିକ୍ ଏହି ଚିକିତ୍ସାଳୟରେ ନୂତନ ଭାବେ ଯୋଗଦାନ କରି ଦନ୍ତ ଚିକିତ୍ସା ବିଭାଗର ଦାୟିତ୍ୱ ଗ୍ରହଣ କରିଥିଲେ। ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କୁ ସୁବିଧାରେ ଚିକିତ୍ସା ଉପଲବ୍ଧ କରାଇବାରେ ସହାୟତା ଯୋଗାଉଥିବା ଅକ୍ଷୟ ସେନାପତିଙ୍କ କାର୍ଯ୍ୟକୁ ଅତିଥି ପ୍ରଶଂସା କରିଥିଲେ। ଅନୁଷ୍ଠାନର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବୀକରଣ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

**ବ୍ୟାସନଗର, ୨୮।୩ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନବୀକରଣ କରାଯାଇଥିବା ଇନ୍‌ଡୋର ଷ୍ଟାଡିୟମ ଶନିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଟାଟାଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ପ୍ରାୟୋଜିତ ଏହି ନବୀକରଣ ପ୍ରକଳ୍ପ ମହାବିଦ୍ୟାଳୟରେ କ୍ରୀଡ଼ା ଭିତ୍ତିଭୂମି ବୃଦ୍ଧି କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସହାୟକ ହେବ ବୋଲି ବିଧାୟକ ତାଙ୍କ ଅଭିଭାଷଣରେ କହିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ସହାୟତା ପାଇଁ ଟାଟଷ୍ଟିଲ ଫାଉଣ୍ଡେଶନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ ସାମ୍ରଗିକ ଶିକ୍ଷାରେ କ୍ରୀଡ଼ାର ଗୁରତ୍ୱ ଉପରେ ଗୁରତ୍ୱାରୋପ କରିବା ସହ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ପ୍ରଶାସନିକ ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆଥଲେଟିକ ଆସୋସିଏଶନ (କ୍ରୀଡ଼ା ସଂଘ)ର ମୁଖ୍ୟ ଜୀବନ ବନ୍ଧୁ ଦାସ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ଫାଉଣ୍ଡେଶନର ଆଞ୍ଚଳିକ ମୁଖ୍ୟ, କର୍ମକର୍ତ୍ତା, କଲେଜର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ମାର୍ଶାଘାଇ,(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ): ମାର୍ଶାଘାଇ ତହସିଲ ଅଧୀନ ତଲଗାଁ କରଖଣ୍ଡିଆ ନଦୀଘାଟରୁ ବେଆଇନ ଭାବେ ବାଲି ଉଠେଇ ନେଉଥିବା ଟ୍ରାକ୍ଟରକୁ ଶନିବାର ଜବତ କରାଯାଇଛି। ନଦୀଘାଟରୁ ବାଲି ବୋଝେଇ କରି ଯାଉଥିବା ସମୟରେ କରିଲୋପାଟଣା କଲେଜ ନିକଟରୁ ଜବତ କରାଯାଇ। ଜବତ ଟ୍ରାକ୍ଟରକୁ କୁଦାନଗରୀ ଥାନାରେ ରଖାଯାଇଥିବା ନେଇ ଆଇଆଇସି ଜଗନ୍ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତେବେ ଖଣି ବିଭାଗ ଅଧିକାରୀଙ୍କ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ପୋଲିସ ଜିମା ଦିଆଯାଇଥିବା ଜଣାପଡିଛି।

# ଜୟଚନ୍ଦ୍ରପୁର ଗ୍ରାମରେ ବାସନ୍ତିକ ଦୁର୍ଗାପୂଜା

ମାର୍ଶାଘାଇ,୨୮।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଓ ଏହା ସଂଲଗ୍ନ ଅଞ୍ଚଳରେ ମା' ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି। ବୁଧବାର କଳସ ଶୋଭାଯାତ୍ରା କରାଯାଇ ପୂଜା ମଣ୍ଡପରେ ପୂର୍ଣ୍ଣ କଳସ ସ୍ଥାପନା କରାଯାଇଥିଲା। ଅଷ୍ଟମୀ, ନବମୀ ଓ ଦଶମୀରେ ଶ୍ରଦ୍ଧାଳୁମାନେ ବହୁସଂଖ୍ୟାରେ ମା'ଙ୍କ ପୂଜା ପାଇଁ ମଣ୍ଡପରେ ଭିଡ଼ ଜମାଇଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଭଗବାନପୁର ଓ ତୁଳସୀପୁର ଗ୍ରାମରେ ମଧ୍ୟ ମା'ଙ୍କ ପୂଜା ବିଧିବିଧାନ ସହ ପାଳିତ ହୋଇଯାଇଛି।

# ସତ୍ୟ, ପ୍ରେମ, ସମାନତାକୁ ଗୁରୁତ୍ୱ ପାଇଁ ଆହ୍ୱାନ

## ଅହମ୍ମଦୀୟା ମୁସ୍‌ଲିମ ଜମାତର ବାର୍ଷିକ ସମ୍ମିଳନୀ



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି।

କେନ୍ଦ୍ରାପଡ଼ା,୨୮।୩ (ଜଗନ୍ନାଥ ଧଳ)

ରାଷ୍ଟ୍ରଠାରୁ ଅଧିକ ଶକ୍ତିଶାଳୀ କେହି ନୁହନ୍ତି। ରାଷ୍ଟ୍ର ପ୍ରତି ବିନମ୍ରତା ପ୍ରଦାନ ସହ ସତ୍ୟ, ପ୍ରେମ ଓ ସମାନତାକୁ ଅଧିକ ଗୁରୁତ୍ୱ ଦେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ। ଅହମ୍ମଦୀୟା ମୁସ୍‌ଲିମ ଜମାତର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଧର୍ମଗୁରୁମାନେ ଶନିବାର ଏପରି ମତ ଦେଇଛନ୍ତି। ଜମାତର କେନ୍ଦ୍ରାପଡ଼ା ଜିଲା ସଭାପତି ମୌଲାନା ହାରୁନ ରସିଦଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ସହରର ବଡ଼ହାଟସ୍ଥିତ ଅହମ୍ମଦୀୟା ମସ୍‌ଜିଦ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗୁରୁ ଓ ସାୟରମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ପୂର୍ବାହ୍ନ ୧୦ରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ାର ସୟଦ ସରଫରାଜୁର ରହମାନ, ତିଗିରିଆର ମୌଲବୀ ସେକ୍ ନାସିରୁଦ୍ଦିନ ପଙ୍କାଳ ଉର୍ଦ୍ଦୁ ନଜମ କବିତା ପାଠ କରିଥିବା ବେଳେ ସୁଙ୍ଗୁଡାର ମୌଲାନା ମକସୁଦ ଅଲ୍ଲି ଖାନ୍ ଓଡ଼ିଆ ନଜମ କବିତା ପାଠ କରିଥିଲେ। ଢେଙ୍କାନାଳର ମୌଲାନା ଅକବର ଖାନ୍ ପ୍ରାର୍ଥନାର ଆବଶ୍ୟକତା, ଉପକାରିତା ଓ ସନ୍ତାନର ଉଚିତ ଶିକ୍ଷା ଦୀକ୍ଷା ସମ୍ପର୍କରେ ମତ ରଖିଥିଲେ। ସୁଙ୍ଗୁଡାର ମୌଲାନା ଅବଦ୍ଦୁର ରହିମ ଦର୍ଦ ଧୂଆଁସାହି ପରମେଶ୍ୱରଙ୍କ ପଥରେ ଅର୍ଥଦାନର ମହାନତା ଓ ଓସିୟତ ବ୍ୟବସ୍ଥାର ସମୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲା ମୌଲାନା ଇନ୍‌ଚାର୍ଜ୍ୟ ମୌଲାନା ସେକ ଇସହାକ ସଙ୍ଗଠନର ଆଜ୍ଞାନୁବର୍ତ୍ତିତା ଓ ବିଶ୍ୱସନୀୟତା ହେବା କ୍ଷେତ୍ରରେ କର୍ତ୍ତବ୍ୟ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଧର୍ମଗୁରୁମାନେ କହିଥିଲେ, ବିଶ୍ୱଶାନ୍ତି ପାଇଁ ନିଷ୍ଠାପର ପ୍ରୟାସ ସହିତ ଧର୍ମ ଓ ମାନବିକତାର ମିଶ୍ରିତ ଭାବନାର ସଂଯୋଗ ଦ୍ୱାରା ଏକ ନୂତନ ମୁକ୍ତିପଥ ସୃଷ୍ଟି ହୋଇପାରିବ। ଭାଇଚାରା ଓ ପରସ୍ପର ମଧ୍ୟରେ ସଦ୍ଭାବନା ସ୍ଥାପନା ଦ୍ୱାରା ଏହା ସମ୍ଭବ। ଯୁବମାନଙ୍କ ଉନ୍ନତି ବିନା ସମାଜରେ ସୁଧାର ଆସିବ ନାହିଁ। ସେହିପରି ନାରୀଙ୍କ ସୁରକ୍ଷା ସମସ୍ତଙ୍କ ଧେୟ ହେଉ। ଜେହାଦ ନାମରେ ଉଗ୍ରବାଦୀଙ୍କ କାର୍ଯ୍ୟ ଆଦୌ ସହନୀୟ ନୁହେଁ ବୋଲି ଧର୍ମଗୁରୁମାନେ କହିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ତିଗିରିଆର ମୌଲବୀ ନସିର ଅହମଦ ଖାନ୍ ପବିତ୍ର କୋରାନ ପାଠ କରିଥିଲେ। ସେହିପରି ସଭାପତି ମୌଲାନା ହାରୁନ ରସିଦଙ୍କ ଦ୍ୱାରା ଖିଲାଫତ ସହ ଦୃଢ଼ ସଙ୍କଳ୍ପ ରକ୍ଷା ପାଇଁ ଶପଥପାଠ ହୋଇଥିଲା। ଏଥିସହ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସମ୍ମିଳନୀରେ କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଅନୁଗୋଳର ଶତାଧିକ ଲୋକ ସାମିଲ ହୋଇଥିଲେ। ଏହାକୁ ସଦର ଜମାତର କର୍ମକର୍ତ୍ତା ସେକ ଜମାଲୁଦ୍ଦିନ, ସେକ ନାସିରୁଦ୍ଦିନ, ମୌଲାନା ନସିର ଖାଁ, ସେକ ସଲିମ, ସୟଦ ସରଫରାଜ ରହେମନ, ସେକ ଜାଭେଦ ଅହମ୍ମଦ, ସେକ ଫଜଲ ଅହେମ୍ମଦ ପ୍ରମୁଖ ପରିଚାଳନା କରିଥିଲେ।

# ମୃତ୍ୟୁଞ୍ଜୟ ସଭାପତି, ଅଣାକର ସମ୍ପାଦକ

## ଆଳି ବାର ଆସୋସିଏଶନ ନିର୍ବାଚନ

ଆଳି,୨୮।୩(ବନମାଳୀ ସେନାପତି )

ଆଳି ବାର୍ ଆସୋସିଏଶନର ନିର୍ବାଚନ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ନିର୍ବାଚନରେ ସଭାପତି ଭାବେ ମୃତ୍ୟୁଞ୍ଜୟ ସାମଲ, ସମ୍ପାଦକ ରୂପେ ଅଣାକର ବାରିକ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀରେ ମୃତ୍ୟୁଞ୍ଜୟ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବସନ୍ତ ନାୟକ ୨୮ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ପଦବୀରେ ନିର୍ବାଚନ ଲଢୁଥିବା ଅଣାକର ବାରିକ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଭା ପାତ୍ର ୨୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସହସମ୍ପାଦକ ସୂର୍ଯ୍ୟମଣି ସାମଲ, ଯୁଗ୍ମ ପାଠାଗାର ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ, ପରିଚାଳନା ପରିଷଦ ସଦସ୍ୟ ଭାବେ ପଦ୍ମିନୀ ଆଚାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ଓ ସହ ନିର୍ବାଚନ ଅଧିକାରୀ ଆଇନଜୀବୀ ରାଧାକାନ୍ତ ବିଶ୍ୱାଳ ଘୋଷଣା କରିଛନ୍ତି। ବାର୍ ଆସୋସିଏଶନର ସମସ୍ତ ସୁବିଧା ଅସୁବିଧା, ସରକାରୀ ବ୍ୟବସ୍ଥା କିପରି ବାର୍‌ର ସମସ୍ତ କର୍ମକର୍ତ୍ତାଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି।


ଆଇନଜୀବୀଙ୍କ ଗହଣରେ ସଭାପତି, ସମ୍ପାଦକ।

# ସଭାପତି ଭାବେ ନିର୍ବାଚିତ ହେଲେ ସୂର୍ଯ୍ୟରଞ୍ଜନ ରାଉଳ

## ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନ ନିର୍ବାଚନ



ପଟ୍ଟାମୁଣ୍ଡାଇ, ୨୮।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟା ୩୦ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ବାର ଆସୋସିଏଶନ ସଭାପତି ପଦ ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ, ୨ଜଣଙ୍କୁ ପଛରେ ପକାଇ ପୁଣି ସୂର୍ଯ୍ୟରଞ୍ଜନ ରାଉଳ ବାଜିମାତ୍ କରିଛନ୍ତି। ସାଧାରଣ ସମ୍ପାଦକ ଭାବେ ରବୀନ୍ଦ୍ର ଦାଶ ମଧ୍ୟ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଗୋପୀନାଥ ତ୍ରିପାଠୀ, ସହସମ୍ପାଦକ ଭାବେ କୁମାର ସତ୍ୟନାରାୟଣ ନାୟକ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ କୋଷାଧ୍ୟକ୍ଷ ଭାବେ ଗୀତାଞ୍ଜଳି ପୃଷ୍ଟି ଓ ଲାଇବ୍ରେରିଆନ ଭାବେ ଶିନାରାଣୀ ଓଝା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ରାମକୃଷ୍ଣ ଦାଶ, ସୁମନ୍ତ ମାଝି, ମନୋଜ ନାୟକ ପରିଚାଳନା କରିଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଅଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

# ପୁନର୍ବାସ ପକ୍ଷରୁ ୨୮ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଥେରାପି କେନ୍ଦ୍ରକୁ ଆସୁଥିବା ୨୮ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଔଷଧ ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଛି। ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଶେଷଜ୍ଞ ଡା. ସ୍ୱାଗତ ଦାସ ଯୋଗଦେଇଥିଲେ। ଏ ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ କହିଛନ୍ତି, ପୁନର୍ବାସ ପକ୍ଷରୁ ଥେରାପି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏଠାରେ ବିବିଧ ରୋଗରେ ପୀଡ଼ିତ ଶିଶୁ ଥେରାପି ଚିକିତ୍ସା ନେଉଛନ୍ତି। ଶିବିର ଆୟୋଜନରେ କେନ୍ଦ୍ରରେ ସାମିଲ ହୋଇଥିବା ଅଟିଜମ, ମସ୍ତିଷ୍କ ପକ୍ଷାଘାତ ଓ ବୌଦ୍ଧିକ ଅନଗ୍ରସର ଶିଶୁମାନେ ଚିକିତ୍ସା ସମ୍ପର୍କରେ ଉପଯୁକ୍ତ ପରାମର୍ଶ ପାଇ ପାରୁଛନ୍ତି। ଅନୁଷ୍ଠାନ ପକ୍ଷରୁ ଫିଜିଓ ଥେରାପିଷ୍ଟ, ଅକ୍ୟୁପେସନାଲ ଥେରାପିଷ୍ଟ ଓ ସପୋର୍ଟ ସାମିଲ ହୋଇଥିଲେ। ଏଥିସହ ଜିଲା ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ ଶିବିରରେ ଯୋଗଦେଇଥିଲେ ବୋଲି ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ. ରାଉତରାୟ ସୂଚନା ଦେଇଛନ୍ତି।



ଶିଶୁମାନଙ୍କର ଚିକିତ୍ସା କରାଯାଉଛି।

# ସଭାପତି ରବିନାରାୟଣ, ସମ୍ପାଦକ ହେଲେ ନିହାର

## କେନ୍ଦ୍ରାପଡ଼ା ବାର୍ ଆସୋସିଏଶନ

କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ବାର ଆସୋସିଏଶନ ନିର୍ବାଚନ ଶନିବାର ସରିଛି। ଏହି ନିର୍ବାଚନରେ ସଭାପତି ଭାବେ ରବି ନାରାୟଣ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ଆଇନଜୀବୀ ପ୍ରଭାତ କୁମାର ଜେନା କହିଛନ୍ତି, ସଭାପତି ମହାନ୍ତି ୩୧୨ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଧୀରେନ ସାହୁ ୨୦୨ ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦକ ଭାବେ ନିହାର ରଞ୍ଜନ ମହାପାତ୍ର, ଉପ ସଭାପତିରେ ନୃସିଂହ ଚରଣ ରାଉତ, ଯୁଗ୍ମ ସମ୍ପାଦକରେ ମନୋରଞ୍ଜନ ବେହେରା, ଅତିରିକ୍ତ ଯୁଗ୍ମ ସମ୍ପାଦକରେ ହରିପ୍ରସାଦ କର ଓ କୋଷାଧ୍ୟକ୍ଷ ପଦରେ ରାଜୀବ ପାତ୍ର ବିଜୟୀ ହୋଇଛନ୍ତି। ଏଥିସହ ଅତିରିକ୍ତ ଯୁଗ୍ମ ସମ୍ପାଦିକା ମମତାମୟୀ ସାମଲ, ପରିଚାଳନା ପରିଷଦ ସଭ୍ୟା ମିନାକ୍ଷୀ ସାମନ୍ତରାୟ, ସଂଘମିତ୍ରା ମଲ୍ଲିକ ଅପ୍ରତିଦ୍ୱନ୍ଦ୍ୱୀ ଥିବା ନିର୍ବାଚନ ଅଧିକାରୀ ଜେନା ସୂଚନା ଦେଇଛନ୍ତି।

# ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ହେଲେ ସରୋଜକାନ୍ତ

ଡେରାବିଶ,୨୮।୩ (ବେବର୍ତ୍ତା ଅଜୟ ଦାସ)

ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ସରୋଜକାନ୍ତ ସାହୁଙ୍କୁ ମନୋନୀତ କରାଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ସରୋଜଙ୍କୁ ମନୋନୀତ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଡେରାବିଶ ବ୍ଲକ ଅଞ୍ଚଳର ଦଳୀୟ କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ଗୁରୁଦାୟିତ୍ୱ ତାଙ୍କୁ ଦିଆଯାଇଥିବାରୁ ସରୋଜ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସଂଗଠନ ସମ୍ପାଦକ ମାନସ ମହାନ୍ତି, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପାଢ଼ୀ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଓ ରାଜ୍ୟ ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସେ ଦୀର୍ଘ ବର୍ଷ ହେଲା ସଂଗ୍ରାମ ଜାରି ରଖିଥିବା ବେଳେ ଆଗାମୀ ଦିନରେ କିଭଳି କୃଷକ ସମାଜର ଅଧିକ ଉନ୍ନତି ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।


ଦଳୀୟ କର୍ମୀମାନେ ସରୋଜକାନ୍ତ ସାହୁଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ପଟ୍ଟାମୁଣ୍ଡାଇରେ ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ

ପଟ୍ଟାମୁଣ୍ଡାଇ, ୨୮।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ସ୍ଥାନୀୟ ଶ୍ରୀରାମ ମନ୍ଦିର ମାନସ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ୯ ଦିନ ବ୍ୟାପି ଆୟୋଜିତ ଆଧ୍ୟାତ୍ମିକ ମହୋତ୍ସବର ପ୍ରଥମ ଦିବସରେ ସତସଙ୍ଗ ମହିମା ଓ ଶିବ ବିବାହ, ୨ୟ ଦିବସରେ ଶ୍ରୀରାମ ଜନ୍ମ, ବାଲ୍ୟଲୀଳା, ୩ୟ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ୪ର୍ଥ ଦିବସରେ ଶ୍ରୀରାମ ବନ ଗମନ, କୈବର୍ତ୍ତ ପ୍ରସଙ୍ଗ, ୫ମ ଦିବସରେ ଦଶରଥ ମହାରାଜାଙ୍କ ମହାପରାୟଣ ଓ ଭରତଙ୍କ ଚିତ୍ରକୂଟ ଯାତ୍ରା, ୬ଷ୍ଠ ଦିବସରେ ଶ୍ରୀରାମ ଭରତ ମିଳନ ଓ ସୀତା ହରଣ, ୭ମ ଦିବସରେ ଶ୍ରୀରାମ ହନୁମାନ ମିଳନ, ଲଙ୍କା ଦହନ, ୮ ମ ଦିବସରେ ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ୯ମ ତଥା ଉଦ୍‌ଯାପନ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, କାଳଭୂଷଣ୍ଡି ଓ ଗରୁଡ଼ ସମ୍ବାଦ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରବଚକମାନେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟାସ ଭାବେ ପୁରୀ ବଡ଼ଶଙ୍ଖ ଶ୍ରୀରାମକୁଟୀରର ବାବାଜୀ ବିଷ୍ଣୁ ବନମାଳୀ ଦାସ ଓ ଆଚାର୍ଯ୍ୟ ଭାବେ ନୂଆଗାଁର ପଣ୍ଡିତ ଭ୍ରମରବର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଢେଙ୍କାନାଳ ଭୁବନ ଆଶ୍ରମର ପଣ୍ଡିତ ସନ୍ତୋଷ ଚୈତନ୍ୟ, ଜଗତପୁର ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାସ, ଭଦ୍ରକ ପୀରହାଟର ପଣ୍ଡିତ ବିଜୟ ରାଘବେନ୍ଦ୍ର ଦାସ, ଭୁବନେଶ୍ୱରର ପଣ୍ଡିତ ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଏହାକୁ ପଟ୍ଟାମୁଣ୍ଡାଇ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ମିଳିତ ଆନୁକୂଲ୍ୟରେ ଅୟୋଜିତ ହୋଇଥିଲା। ପ୍ରବଚନ ଶୁଣିବା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଅଗ୍ନିକାଣ୍ଡରୁ ବର୍ତ୍ତିଲା ତେଲ ଟ୍ୟାଙ୍କର

କେନ୍ଦ୍ରାପଡା, ୨୮।୩ (ଜଗନ୍ନାଥ ଧଳ)

ଡ୍ରାଇଭରର ଉପସ୍ଥିତି ବୁଦ୍ଧି ଯୋଗୁ ଏକ ବଡ଼ ଧରଣର ଅଗ୍ନିକାଣ୍ଡରୁ ତେଲ ଟ୍ୟାଙ୍କର ବର୍ତ୍ତିଯାଇଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଦୁହୁରିଆ ଛକରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର ତେଲ ଟ୍ୟାଙ୍କର ଇଞ୍ଜିନରେ ହଠାତ ନିଆଁ ଲାଗି ଯାଇଥିଲା। ଡ୍ରାଇଭର ଉପସ୍ଥିତି ବୁଦ୍ଧି ଖଟାଇ ଗାଡିରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଲିଭାଇ ଥିଲେ। ଖବର ପାଇଁ ଅଗ୍ନିଶମ ବାହିନୀ ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟ୍ୟାଙ୍କର ଇଞ୍ଜିନରେ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଡ୍ରାଇଭର ସୂଚନା ଦେଇଛନ୍ତି।

# ପେଣ୍ଠରେ ଉପଭୋକ୍ତା ସଚେତନତା କର୍ମଶାଳା

ମାର୍ଶାଘାଇ,୨୮।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପେଣ୍ଠ ଗ୍ରାମର ହନୁମାନ ଯୁବକ ସଂଘ ପରିସରରେ ମଦନାସ୍ଥିତ ଶ୍ରୀସତ୍ୟସାଇ ବୈଷୟିକ ଅଗ୍ରଗତି ସେବା ସଂସ୍ଥା (ସୀତା) ପକ୍ଷରୁ ବିଶ୍ୱ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଓଜନ ଓ ମାପ ବିଭାଗ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୈଧ ମାପ ଓଜନର ବରିଷ୍ଠ ନିରୀକ୍ଷକ ନୀଳାମୟ ଦତ୍ତ, ଆସିଷ୍ଟାଣ୍ଟ ଇନ୍ସପେକ୍ଟର ବୈଧ ମାପ ଓଜନର ଈଶ୍ୱର ବଳିଆ ମୁର୍ମୁ, ଆଇନଜୀବୀ ପ୍ରଦୀପ ଦାଶ, ଓଜନ ମାପ ନିରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂସ୍ଥାର ସମ୍ପାଦକ ପ୍ରସନ୍ନ କୁମାର ଦାଶ ଆଗାମୀ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମମତା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପେଣ୍ଠ ଗ୍ରାମର ସୁଧାଂଶୁ ବ୍ରହ୍ମଚାରୀ ଓ ଜ୍ୟୋତିର୍ମୟୀ ପରିଡ଼ା ସକ୍ରିୟ ସହଯୋଗ କରିଥିଲେ।

# ଉମେଶ ସଭାପତି, ଭଜକୃଷ୍ଣ ସମ୍ପାଦକ

## ରାଜନଗର ବାର୍ ଆସୋସିଏଶନ ନିର୍ବାଚନ


ଉମେଶ ଚନ୍ଦ୍ର ଦାସ


ଭଜକୃଷ୍ଣ ମିଶ୍ର

ରାଜନଗର, ୨୮।୩ (ଭାସ୍କର ରାଉତରାୟ)

ରାଜନଗର ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର କୋର୍ଟ ପରିସରରେ ଆଇନଜୀବୀମାନେ ସକାଳ ୭ଟାରୁ ଅପରାହ୍ନ ୩ଟା ଯାଏ ଭୋଟ ଦେଇଥିଲେ। ପରେ ଭୋଟ ଗଣତି କରାଯାଇଥିଲା। ସଭାପତି ଭାବେ ଆଇନଜୀବୀ ଉମେଶ ଚନ୍ଦ୍ର ଦାସ, ଉପସଭାପତି ଭାବେ ଆଇନଜୀବୀ ଦେବଦତ୍ତ ସେଠୀ, ସମ୍ପାଦକ ଭାବେ ଆଇନଜୀବୀ ଭଜକୃଷ୍ଣ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଆଇନଜୀବୀ ବୀର କିଶୋର ମହାନ୍ତି ନିର୍ବାଚିତ ହୋଇଛନ୍ତି। କୋଷଧ୍ୟକ୍ଷ ପଦ ପାଇଁ ଆଇନଜୀବୀ ମନ୍ମଥ କୁମାର ରାଉତ, ପାଠାଗାର ସମ୍ପାଦକ ଭାବେ ଆଇନଜୀବୀ ନୟନାନନ୍ଦ ବେହୁରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜନ୍ମେଜୟ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରାଜନଗର ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ବିଶ୍ୱନାଥ ବାରିକ ନିର୍ବାଚନ ପରିଚାଳନା କରିଥିଲେ।

# କିଆରବାଙ୍କ ମୌଜାରେ ମା' ବାସନ୍ତୀ ଦୁର୍ଗାପୂଜା

ମହାକାଳପଡ଼ା,୨୮।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଚୈତ୍ର ଶୁକ୍ଳପକ୍ଷରେ ମା' ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କିଆରବାଙ୍କ ମୌଜାରେ ୪୯ ବର୍ଷ ଧରି ମା' ପୂଜା ପାଉଛନ୍ତି ବୋଲି କମିଟି ସଭାପତି ରବୀନ୍ଦ୍ର କୁମାର ପାଳ ଓ ସମ୍ପାଦକ ଶରତ କୁମାର ସେଠୀ କହିଛନ୍ତି। ଆସନ୍ତାବର୍ଷ ମା'ଙ୍କର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମୌଜାର ବରିଷ୍ଠ ମୁରବିମାନେ କହିଛନ୍ତି। ସେହିପରି ଏହି ଅଞ୍ଚଳର ବିଜୟନଗର, ମେର୍ଦ୍ଧା ଓଳିଆ, ବାବର, ପାତ୍ରଗଡ଼, ନନ୍ତାର, ଖରିନାସୀ, ଶିଖର ଆଦି ମୌଜାରେ ମା'ଙ୍କ ଦଶମୀ ଯଜ୍ଞର ପୂର୍ଣ୍ଣାହୁତି ଶନିବାର ଅନୁଷ୍ଠିତ ହୋଇଯାଇଛି।


କିଆରବାଙ୍କ ମୌଜାରେ ମା' ବାସନ୍ତୀ ଦୁର୍ଗାପୂଜା କରାଯାଉଛି।

# ସଂସ୍କୃତିର ସମୃଦ୍ଧି ପାଇଁ ଭାଇଚାରାର ଗୁରୁତ୍ୱ ରହିଛି

## ବାଲିଆ ନୌଜବାନ କମିଟି ପକ୍ଷରୁ ଇଦ୍ ମିଳନ ଉତ୍ସବ

ଡେରାବିଶ,୨୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆ ମୁସଲମାନ ସାହିରେ ଶନିବାର ଭାଇଚାରାର ପର୍ବ ଇଦ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲିଆ ନୌଜବାନ କମିଟି ପକ୍ଷରୁ ଅନୁଷ୍ଠିତ ଏହି ଇଦ ମିଳନ ଉତ୍ସବରେ ଗ୍ରାମର ବିଶିଷ୍ଟ ମୌଲନା କୁଦ୍ଦୁସ ସାହେବ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତିର ସମୃଦ୍ଧି ପାଇଁ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବାର ଆବଶ୍ୟକତା ଥିବା ନେଇ ମତବ୍ୟକ୍ତ କରିଥିଲେ। ଏଥିସହ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ମାଟି ମା'ର ସନ୍ତାନ। ନିଜ ଭିତରେ ଐକ୍ୟ ମନୋଭାବ ରଖି ସମସ୍ତ ଧର୍ମକୁ ସମ୍ମାନ ଦେଇପରିଲେ ଏକ ସମୃଦ୍ଧ ଦେଶ ଗଠନ ହୋଇପରିବ ବୋଲି ମହାପାତ୍ର କହିଥିଲେ। ମୁସଲମାନ ସମ୍ପ୍ରଦାୟର ଧର୍ମ ପ୍ରଚାରକ ମୌଲାନ ନକିବୁଲ ଅମୀନ ବରକୀ ମୁଖ୍ୟ ବକ୍ତା ଏବଂ ବିଜେଡି ନେତା ରବି ସାମଲ, କେନ୍ଦ୍ରାପଡ଼ା ପୌର ପରିଷଦର ପୂର୍ବତନ କାଉନସିଲର ହିଫଜୁର୍ ରହେମାନ ଏବଂ ସାମାଜିକ କର୍ମୀ ହବିବୁର୍ ରହେମାନ୍ ଖାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଇଚାରାକୁ ଦୃଢ଼ କରି ପାରୁଥିବା ଏହି ଇଦ ମିଳନ ଉତ୍ସବର ଉଦ୍ଦେଶ୍ୟ ଆଭିମୁଖ୍ୟ ଓ ସାମ୍ପ୍ରତିକ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆୟୋଜକ ନୌଜବାନ କମିଟି ପକ୍ଷରୁ ଧାର୍ମିକ ସଦ୍‌ଭାବ ରକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଆ ଗ୍ରାମର ସାମାଜିକ କର୍ମୀ ପ୍ରସନ୍ନ ସିଂହ, ପଡୋଶୀ ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଏବଂ ସ୍ଥାନୀୟ ସାହିର ମୁରବୀ ଜାବିର ଖାଁଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି କର୍ମକର୍ତ୍ତା ବୁରହାନ ଖାନ୍ ଓ ଅବଦ୍ଦୁଲ ରହେମାନ ଖାନ୍‌ଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି ଇଦ ମିଳନ ଉତ୍ସବର ପ୍ରାରମ୍ଭରେ ଅନୁପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କମିଟି ଉପଦେଷ୍ଟା ସାହାଜାନ୍ ଖାନ୍ ଧନ୍ୟବାଦ ଦେଇଥିଲେ। ନୌଜବାନ କମିଟି ସଭାପତି ମୁସ୍ତକିମ ଖାନ୍ ଓ ସମ୍ପାଦକ ଜମାଲୁଦ୍ଦିନ ଖାନ୍ ଏବଂ ସରଦାର ବରକତୁଲ୍ଲା ଖାନ୍‌ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବହୁ ସଂଖ୍ୟାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାପୁରୁଷ ଉପସ୍ଥିତ ରହିଥିଲେ। ଏହି ଉତ୍ସବ ପରିଚାଳନାରେ ଆୟୋଜକ କମିଟି କର୍ମକର୍ତ୍ତା ରହିମ ଖାନ୍, ସେକ ସାବିର, ସେକ ଓହିଦ୍, ସଫିକ ଖାନ୍‌ଙ୍କ ସମେତ କମିଟିର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଇଦ୍ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ମାଛ ମାରିବାକୁ ବିସ୍ଫୋରକ ବ୍ୟବହାର, ଯୁବକ ଗୁରୁତର

ଦାରିଙ୍ଗବାଡ଼ି, ୨୮।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ଅଞ୍ଚଳରେ ଜଣେ ଯୁବକ ମାଛ ମାରିବାକୁ ବିସ୍ଫୋରକ ବ୍ୟବହାର କରୁଥିବା ବେଳେ ତାଙ୍କ ହାତରେ ଆଘାତ ଲାଗି ଗୁରୁତର ହୋଇଛନ୍ତି। ସେ ହେଲେ ସିମନବାଡ଼ି ପଞ୍ଚାୟତ ଜୁଡ଼ାବାଡ଼ି ସାହିର ଦେବାଶିଷ ପ୍ରଧାନ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ପ୍ରକାଶ ଯେ, ଦେବାଶିଷ ଗାଁ ନିକଟ ଏକ ନଦୀରେ ମାଛ ମାରିବାକୁ ଯାଇଥିଲେ। ସେ ପାଣି ଭିତରେ ବିସ୍ଫୋରଣ କରିବାକୁ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତା ଯୋଗୁ ତାଙ୍କ ହାତରେ ବିସ୍ଫୋରକଟି ଫାଟି ଯାଇଥିଲା। ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇଆସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

### ଚନ୍ଦନଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ

ଗଞ୍ଜାମ,୨୮।୩(ବିଦ୍ୟାଧର ସାହୁ):

ଗଞ୍ଜାମ ଏନ୍ଏସି ୧ ନଂ. ୱାର୍ଡକରଣସାହିସ୍ଥିତ ଶ୍ରୀମଦନ ମୋହନ ଗୋପାଳ ସ୍ୱାମୀଙ୍କ ପୀଠରେ ଏପ୍ରିଲ୍ ୨୦ରୁ ଐତିହାସିକ ଚନ୍ଦନ ଯାତ୍ରା ଆରମ୍ଭ ହେବ । ଏହି ଯାତ୍ରା ୨୧ ଦିନ ଧରି ଅର୍ଥାତ୍ ମେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପବିତ୍ର ଶ୍ରୀରାମ ନବମୀ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ବେଳେ ସୁରେନ୍ଦ୍ର କୁମାର ବାରିକି, ମୟ ବାରିକି, ବିଭୁ ପଲାଇ, ସନ୍ତୋଷ ଆଚାର୍ଯ୍ୟ, ଜଗା ଆଚାର୍ଯ୍ୟ, ବିରେନ ମହାପାତ୍ର, ଉପେନ୍ଦ୍ର ଆଚାର୍ଯ୍ୟ, ସୋହନ ପଟ୍ଟନାୟକ, ଶୋନୁ ଗୌଡ଼, ବାପି ଛଟେଇ ପ୍ରମୁଖ ଉପସ୍ଥିତ ଥିଲେ। ୫ ବର୍ଷକୁ ଥରେ ହେଉଥିବା ଏହି ଚନ୍ଦନ ଯାତ୍ରାକୁ ୩ ସାହି ତଥା ପଣ୍ଡା ସାହି, ସାମନ୍ତରା ସାହି ଏବଂ କରଣ ସାହି ପରିଚାଳନା କରୁଛନ୍ତି। ଯାତ୍ରା ସମୟରେ ରାମଦୋଳି, ମିନା ବଜାର ଖୋଲା ଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### ପଢ଼ିବା ଗଢ଼ିବା ଓଡ଼ିଶା ପୁରସ୍କାର ବିତରଣ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୮।୩( କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରସ୍ଥିତ ପିଏମଶ୍ରୀ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରିସରରେ ଶନିବାର ଅପରାହ୍ନରେ ବିଦ୍ୟାଳୟସ୍ତରୀୟ ପଠନ ପ୍ରୋତ୍ସାହନ ସପ୍ତାହ ପଢ଼ିବା ଗଢ଼ିବା ଓଡ଼ିଶା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ମିହିର ଶତପଥୀ ଅଧ୍ୟକ୍ଷତା କରିଥିଲେ। ନିମନ୍ତ୍ରିତ ଅତିଥି ରୂପେ ସାହିତ୍ୟିକ ବିଷ୍ଣୁଚରଣ ପଟ୍ଟନାୟକ, ଗାଳ୍ପିକ ଯଜ୍ଞଦତ୍ତ ସାମନ୍ତରା ଯୋଗ ଦେଇ ଓଡ଼ିଆ ଭାଷା, ଜ୍ଞାନ, ସାହିତ୍ୟ, ସୃଜନଶୀଳତାରେ ଉତ୍କର୍ଷତା ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପିଲାଙ୍କ ସାହିତ୍ୟ ସୃଜନଶୀଳତା ଜ୍ଞାନ ବୃଦ୍ଧି କରିବାରେ ଅତିଥି ଦ୍ୱୟ ବିଭିନ୍ନ ପରାମର୍ଶ ଦେଇଥିଲେ।

### ରାସ୍ତାରେ ପଡ଼ିଲା ମୋବିଲ୍, ବର୍ତ୍ତିଲେ ଚାଳକ

ଖଜୁରିପଡ଼ା, ୨୮।୩ (ବିଦୁର ବେହେରା)

ଖଜୁରପଡ଼ା ଥାନା ଗାଡ଼ିଆପଡ଼ା ଘାଟି ରାସ୍ତାରେ ଶନିବାର କୌଣସି ଏକ ଅଜଣା ଗାଡ଼ିରୁ ମୋବିଲ ବାହାରି ପଡ଼ିଯିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଫଳରେ ବଡ଼ ଦୁର୍ଘଟଣାରୁ ଗାଡ଼ି ଚାଳକମାନେ ବର୍ତ୍ତି ଯାଇଛନ୍ତି। ଏନେଇ ଖବର ପାଇ ଖଜୁରିପଡ଼ା ବିଧାୟକଙ୍କ ପ୍ରତିନିଧି ଅନନ୍ତ ଦିଗାଲଙ୍କ ସମେତ ବିଭୁତି ଭୂଷଣ ମହାନ୍ତି, ପ୍ରିୟବ୍ରତ ବେହେରା, ଅବନୀ ବେହେରା, ବିରୁପାକ୍ଷ ବେହେରା, ଖଜୁରିପଡ଼ା ଥାନା ଅଧିକାରୀ ଚାପଧାରୀ ପ୍ରଧାନ, ଦମକଳ ବାହିନୀ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀ ବୀରେନ୍ଦ୍ର ଖୁରା ସେଠାରେ ପହଞ୍ଚିଥିଲେ। ଦମକଳ ବାହିନୀ ପକ୍ଷରୁ ରାସ୍ତାରେ ପଡ଼ିଥିବା ମୋବିଲ ତୈଳକୁ ସର୍ଫରେ ସଫା କରାଯାଇଥିବା ବେଳେ ପୋଲିସ ଉଭୟ ପାର୍ଶ୍ୱରୁ ଯାତାୟାତ କରୁଥିବା ଲୋକଙ୍କୁ ସତର୍କ କରାଇଥିଲା।

### କାଳବୈଶାଖୀ ବର୍ଷା, ବର୍ତ୍ତିଲେ ପରିବାର

ଜି.ଉଦୟଗିରି,୨୮।୩ (ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ଅଞ୍ଚଳରେ ଶୁକ୍ରବାର ରାତିରେ ଘଡ଼ଘଡ଼ି ବିଜୁଳି ଓ ପ୍ରବଳ ପବନ ସହ କାଳବୈଶାଖୀ ବର୍ଷା ହୋଇଥିଲା। ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଡୁଗୁଡ଼ିପାରି ଗ୍ରାମର ସତ୍ୟଜିତ୍ ପ୍ରଧାନଙ୍କ ଘର ଉପରେ ନଡ଼ିଆ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଫଳରେ ତାଙ୍କ ଘର କ୍ଷତି ହୋଇଥିବା ବେଳେ ପରିବାରର ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ଜବରଦଖଲକାରୀଙ୍କ କବଳରେ ପାରଳା ମଠ, ମନ୍ଦିର ସମ୍ପତ୍ତି

ପାରଳାଖେମୁଣ୍ଡି,୨୮।୩ (ଗିରିଧାରୀ ପରିଚ୍ଛା)



ମଠ, ମନ୍ଦିର ଜାଗା ଜବରଦଖଲ କରି ସହରରେ ଗଢି ଉଠିଥିବା ଦୋକାନ ଓ କୋଠାଘର।

ମଠ ମନ୍ଦିର ଭରା ପୁରାତନ ସହର ପାରଳାଖେମୁଣ୍ଡି ଏବେ ଜବରଦଖଲକାରୀଙ୍କ କବଳରେ। ପାରଳାର ମଠ, ମନ୍ଦିର ସମ୍ପତ୍ତିକୁ ଜବରଦଖଲକାରୀମାନେ ଜବରଦଖଲ କରି ବାଣିଜ୍ୟ ପ୍ରତିଷ୍ଠାନମାନ ଖୋଲି ଲାଭ ଉଠାଉଥିବା ବେଳେ ମଠ କି ମନ୍ଦିରକୁ ଟଙ୍କାଟିଏ ମଧ ଦେଉନାହାନ୍ତି। ଫଳରେ ମନ୍ଦିର ଓ ମଠ ଗୁଡିକ ପରିଚାଳନାରେ ଆର୍ଥିକ ସଙ୍କଟ ଦେଖା ଦେଉଛି। ଠାକୁରଙ୍କ ବିଭିନ୍ନ ଜାନି ଯାତ୍ରା ଓ ନିୟମିତ ମନ୍ଦିର, ମଠ ପରିଚାଳନା କରିବା କଷ୍ଟକର ହୋଇପଡୁଛି। ଏହି ମଠ, ମନ୍ଦିରର ପରିଚାଳନା ପାଇଁ ପୂର୍ବରୁ ରାଜ ପରିବାର ପକ୍ଷରୁ ଶତାଧିକ ଏକର ଜମି ବିଭିନ୍ନ ଦେବା ଦେବୀଙ୍କ ନାମରେ ମଠ ମନ୍ଦିରଗୁଡ଼ିକୁ ପ୍ରଦାନ କରାଯାଇଥିଲା। ଏବେ ସେ ସବୁ ଜବରଦଖଲରେ। ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କିଛି ଶୁଣୁନାହାନ୍ତି ଜବରଦଖଲକାରୀ। ପାରଳାଖେମୁଣ୍ଡି ସହରର ଚିତ୍ରକାର ସାହିରେ ରହିଛି ସାନ ରାଧାକାନ୍ତ (କୋକିଳା) ମଠ। ଏହି ମନ୍ଦିରର ଠାକୁରଙ୍କ ପୀଠ ଛାଡି ଚତୁଃପାର୍ଶ୍ୱରେ ଥିବା ୫୩୯୦ ଡେସିମିଲ ଜାଗା ଜବରଦଖଲକାରୀ ମାଡି ବସିଛନ୍ତି। ସେହି ଜାଗାର ପ୍ଲଟ ନମ୍ବର ହେଲା ୫୧୫ରୁ ୫୧୯, ୫୦୩ରୁ ୫୦୯, ୫୧୧, ୫୦୯, ୫୦୦, ୫୧୩ ଏବଂ ୪୯୬ରୁ ୪୯୯।

ପୂର୍ବରୁ କେତେ ଜଣ ଲୋକ ସେଠାରେ ଗୋରୁ ଗୁହାଳ କରିବା ଆଳରେ ମନ୍ଦିର ଚତୁଃପାର୍ଶ୍ୱରେ ଜାଗାଗୁଡିକୁ ରଖିଥିଲେ। ପରେ ସେଠାରେ ସେମାନେ ଦୋକାନ ଗୃହ ନିର୍ମାଣ କରି ନିଜ ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ମନ୍ଦିର ଚତୁଃପାର୍ଶ୍ୱରେ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ଦୋକାନ, ବଡ ଅଟାଳିକମାନ ତିଆରି କରି ଜବରଦଖଲକାରୀମାନେ ଭଡା ଦେଇ ବେଶ୍ ଲାଭ ଉଠାଉଥିବା ଅଭିଯୋଗ ହେଉଛି। ଜବରଦଖଲକାରୀମାନେ କୌଣସି ସହାୟତା ଦେଉ ନ ଥିବାରୁ ପ୍ରତି ଦିନର ମନ୍ଦିର ନୀତିକାନ୍ତି ସହ ଚଳାଇବା କଷ୍ଟକର ହୋଇପଡୁଛି ବୋଲି ମନ୍ଦିର ପରିଚାଳକ ହରିଶ୍ଚନ୍ଦ୍ର ପରିଚ୍ଛା ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ଲବ ସାହୁ କହନ୍ତି। ଏହି ସମସ୍ୟାକୁ ନେଇ ବିଶ୍ୱହିନ୍ଦୁ ପରିଷଦ ପରିଚାଳନା ସଭାପତି ଲୋକନାଥ ମିଶ୍ର ଆପତ୍ତି ଉଠାଇବା ସହ ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ପାରଳା ଖେମୁଣ୍ଡିରେ

**ଗୋରୁ ଗୁହାଳ କରିବାକୁ ଅନୁମତି ମାଗି ମାଡି ବସିଲେ**

ଜବରଦଖଲକାରୀଙ୍କ କବଳରେ ଥିବା ମନ୍ଦିର ସମ୍ପତ୍ତି ଉଦ୍ଧାର ସହ ମନ୍ଦିରଗୁଡ଼ିକର ସୁରକ୍ଷିତ ପରିଚାଳନା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଏହି ମନ୍ଦିରର ଜାଗା ଜବରଦଖଲ ସାମ୍ନାକୁ ଆସିବା ପରେ ତଦନ୍ତ କରାଯାଇଛି। ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ନେଇ ସମ୍ପୃକ୍ତ ମଠ ମନ୍ଦିର ଜାଗା ମାପ ଚୁପ ହୋଇଛି। ସେଥିମଧ୍ୟରେ ଜବରଦଖଲ କରି ସେଠାରେ ବ୍ୟବସାୟ କରୁଥିବା ସେମାନଙ୍କୁ ନେଇ ଏକ ବୈଠକ ହୋଇଛି। ବୈଠକରେ ୧୯ ଜଣଙ୍କ ମଧ୍ୟରୁ ୧୦ ଜଣ ଉପସ୍ଥିତ ଥିଲେ। ସମସ୍ତେ ଆଲୋଚନା କରି ପ୍ରଶାସନକୁ ଜଣାଇବୁ ବୋଲି କହି ଏବେ ୧୫ ଦିନ ହେଲାଣି ଜଣାଇନାହାନ୍ତି। ଆଗକୁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରମୁଖ ଶାସନ ସଚିବଙ୍କ ନୟାଗଡ଼, ଦଶପଲ୍ଲାରେ କ୍ଷେତ୍ର ଭ୍ରମଣ



ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନୟାଗଡ଼/ ଦଶପଲ୍ଲା, ୨୮।୩ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଶନିବାର ନୟାଗଡ଼ ଓ ଦଶପଲ୍ଲାରେ କ୍ଷେତ୍ର ପରିଦର୍ଶନ ସହ ନୟାଗଡ଼ରେ ସମୀକ୍ଷା କରିଥିଲେ। ସଚିବଙ୍କ ସହିତ ଜିଲାପାଳ ମଧୁମିତା ରଥ ଦଶପଲ୍ଲା ବ୍ଲକ ଟାଙ୍ଗିଆପଲ୍ଲୀ ଆଶ୍ରମ ବିଦ୍ୟାଳୟ, ଆହାର କେନ୍ଦ୍ର, ଜୋତା ନିର୍ମାଣ ୟୁନିଟ, ବହୁ ଉଦ୍ଦେଶ୍ୟ ଭବନ, ଦଶପଲ୍ଲା ଏନ୍ଏସି ଅଞ୍ଚଳର ହରିଡାବାଡି ଅଙ୍ଗନୱାଡି କେନ୍ଦ୍ର ଓ ଟାକେରା ପାୱାର ଷ୍ଟେଶନ ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଥିଲେ।

ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେ ସମାଦାର, ବିଡ଼ିଓ ଦଶପଲ୍ଲା, ଦଶପଲ୍ଲା ଏନ୍ଏସି ନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଦଶପଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ପରେ ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପରାହ୍ନ ୪ଟାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ବନଖଣ୍ଡ ଅଧିକାରୀ, ଉପଜିଲାପାଳ,ସିଡିଏମଓ ପୁଷ୍ପା ନିଳିମା ଲାକ୍ରା ଯୋଗ ଦେଇଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗର କାର୍ଡ ଏବଂ ହିତାଧିକାରୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ-୧ ଏବଂ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ-୨ଙ୍କ ରାସ୍ତା ସମ୍ପ୍ରସାରଣ ବିଷୟରେ ସମୀକ୍ଷା କରିଥିଲେ। ଗଣିଆ ବ୍ଲକ ଛାମୁଣ୍ଡିଆ ରାସ୍ତା ଉପରେ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ମାଗି ରାସ୍ତା ସମ୍ପର୍କରେ ବୁଝିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସହ ସିଏମ-ବାଇ ସାଇକେଲ, ମଧ୍ୟାହ୍ନ ଭୋଜନ,ଡ୍ରପ୍ ଆଉଟ ପିଲାମାନଙ୍କ କଥା ପଚାରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ତାଗିଦ କରିଥିଲେ। ବିଦ୍ୟୁତ୍ ବିଭାଗ, ଯୋଗାଣ ବିଭାଗ, କୃଷି ଓ ମତ୍ସ୍ୟ ଚାଷ ଉପରେ ସମୀକ୍ଷା କରିଥିଲେ।

# ତାଲିକାରୁ ନାମ ବାଦ୍ ପଡ଼ିବା ନେଇ ସ୍ପଷ୍ଟୀକରଣ ରଖିଲା କାର୍ଯ୍ୟାଳୟ

**ଗଞ୍ଜାମ ହୋମଗାର୍ଡ ନିଯୁକ୍ତିରେ ବିଭ୍ରାଟ ପ୍ରସଙ୍ଗ**

ଛତ୍ରପୁର,୨୮।୩ (ଦିଲୀପ ସାମଲ)

ଗଞ୍ଜାମ ଜିଲା ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାରେ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଥିଲା, ଯାହାକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣା ଅନୁଯାୟୀ, ଗତ ୨୬।୩।୨୦୨୬ରେ ପ୍ରକାଶିତ ୧୩୫ ଜଣିଆ ଅସ୍ଥାୟୀ ଚୟନ ତାଲିକାରେ ପୁରୁଣାବନ୍ଧ ଗ୍ରାମର ରମେଶ ବେହେରାଙ୍କ ନାମ ୭୨ ନମ୍ବର ସ୍ଥାନରେ ରହିଥିଲା। ମାତ୍ର ଦଲିଲ ଯାଞ୍ଚ ସମୟରେ ତାଙ୍କ ନାମ ତାଲିକାରେ ନ ଥିବା ଏବଂ ସେହି ସ୍ଥାନରେ ଅନ୍ୟ ଜଣେ ପ୍ରାର୍ଥୀଙ୍କ ନାମ ଥିବା ଜାଣିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ରମେଶ ନ୍ୟାୟ ପାଇଁ ଏସ୍ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ ସେଠାରେ ତାଙ୍କୁ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା । ଅନ୍ୟପଟେ, ଏହି ଘଟଣାରେ ଜିଲା ହୋମଗାର୍ଡ ମୁଖ୍ୟାଳୟ ପକ୍ଷରୁ (ଚିଠି ନଂ ୧୬୯/ଏଚଜିଏସ୍) ଶନିବାର ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ନିଯୁକ୍ତି ପ୍ରକ୍ରିୟା ଏକ ଦୀର୍ଘ ପ୍ରକ୍ରିୟା ହୋଇଥିବାରୁ ଅସାବଧାନତାବଶତଃ ଏକ 'କିରାଣୀଗତ ତ୍ରୁଟି' ଥିଲା। ଭୁଲବଶତଃ ରମେଶ ବେହେରାଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇଯାଇଥିଲା ଏବଂ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ବାଦ ପଡ଼ିଥିଲା। ଏହି ତ୍ରୁଟିକୁ ତୁରନ୍ତ ସଂଶୋଧନ କରାଯାଇ ସମସ୍ତଙ୍କୁ ଅବଗତ କରାଯାଇଛି ବୋଲି ସେମାନେ ଦାବି କରିଛନ୍ତି। ପରୀକ୍ଷା ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଥିଲା ବୋଲି କାର୍ଯ୍ୟାଳୟର ଡ଼ିଏସ୍ପି କହିଛନ୍ତି।

### ଧରାକୋଟରେ ଆସ ସ୍କୁଲଯିବା ଅଭିଯାନ

ଧରାକୋଟ,୨୮।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଇଛି । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସେପ୍ଟେମ୍ବର ସୁଦ୍ଧା ୫ବର୍ଷରୁ ଅଧିକ ବୟସର ପିଲାଙ୍କୁ ଶିଶୁ ବାଟିକା ଓ ୬ ବର୍ଷରୁ ଅଧିକ ବୟସର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆସନ୍ତା ଏପ୍ରିଲ ୨ରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପ୍ରତ୍ୟେକ ବିଦ୍ୟାଳୟରେ ହେବ। ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ତରଫରୁ ଯୋଗ୍ୟ ଶିଶୁ ମାନଙ୍କ ଘରକୁ ଯାଇ ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଏସଏମସି ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ସାମ୍ବାଦିକ ଶିଶିର ମହାନ୍ତି,ଶିକ୍ଷକ ବିଧୁ ଭୁଷଣ ରାଉତ ପ୍ରମୁଖ ଉପସ୍ଥିତ ରହି ଅଭିଭାବକ ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ।

# ଶିଶୁବାଟିକାରେ ନାମଲେଖା ପାଇଁ ନିମନ୍ତ୍ରଣ କଲେ ବିଧାୟକ

ଛତ୍ରପୁର,୨୮।୩(ଦିଲୀପ ସାମଲ):



ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣ କରୁଛନ୍ତି ବିଧାୟକ।

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଗତ ଶିକ୍ଷାବର୍ଷଠାରୁ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରେ କୁନି କୁନି ପିଲାମାନଙ୍କ ନାମ ଲେଖାଇବାକୁ ସ୍ୱତନ୍ତ୍ର ନିମନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆସିଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶନିବାର ଛତ୍ରପୁର ଏନଏସି ଅଧୀନ ପୁତିଗୋପାଳପୁର ଓ ଷ୍ଟେଶନରୋଡ ଅଞ୍ଚଳର କୁନି କୁନି ପିଲାଙ୍କ ଘରକୁ ଯାଇ ବିଦ୍ୟାଳୟ ଶିଶୁ ବାଟିକାରେ ପିଲାଙ୍କ ନାମ ଲେଖାଇବାକୁ ସେମାନଙ୍କ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ଆସନ୍ତା ୨ ତାରିଖରେ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହେବ। ସେଠାକୁ ଯାଇ ପିଲାଙ୍କ ନାମ ଲେଖାଇବାକୁ ବିଧାୟକ ଅନୁରୋଧ କରିଥିଲେ। ଆସନ୍ତା ୨ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହେବ । ନିମନ୍ତ୍ରଣ ପତ୍ର ପ୍ରଦାନ ବେଳେ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, କାଉନସିଲର ଟି. ଗଣେଶ ରେଡ୍ଡୀ, ଅମରେଶ ମହାରଣା, ମାମା ସେଠି, ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି ଓ ଏମ. ଅରୁନ୍ଧତୀ ରେଡ୍ଡୀ, ସିଆରସିସି ଆଲୋକ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୌର କାର୍ଯ୍ୟାଳୟରେ ଅଗ୍ନି ସୁରକ୍ଷାକୁ ନେଇ ମକ୍ଡ୍ରିଲ

ପାରଳାଖେମୁଣ୍ଡି,୨୮।୩ (ଗିରିଧାରୀ ପରିଚ୍ଛା)

ପାରଳା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଭେଣ୍ଡର ଓ ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତିରେ ଜରୁରୀକାଳୀନ ପରିସ୍ଥିତିରେ କିଭଳି ମୁକାବିଲା କରାଯିବ ସେନେଇ ସଚେତନ ସୃଷ୍ଟି କରି ଅଗ୍ନିଶମ କର୍ମଚାରୀମାନେ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ସମସ୍ତ ଦୁର୍ଘଟଣା ସମ୍ଭାବ୍ୟ ସ୍ଥଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ସହରର ସମସ୍ତ ମଲ, ସିନେମା ହଲ, ବଡ ବଡ ଶୋ ରୁମ ମାଲିକ ଓ ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ନିୟମିତ ଭାବେ ଏହି କାର୍ଯ୍ୟକ୍ରମ ହେବ ବୋଲି ଅଗ୍ନିଶମ ଅଧିକାରୀ ଧିରେନ୍ଦ୍ର ଦାସ କହିଛନ୍ତି। କାର୍ଯ୍ୟକ୍ରମ ବେଳେ ପୌର ଉପାଧ୍ୟକ୍ଷ ଲେଙ୍କା ମଧୁଙ୍କ ସମେତ ଯନ୍ତ୍ରୀ ମଧୁସ୍ମିତା ଦାସ, ପୌରପରିଷଦ କର୍ମଚାରୀ ଉପସ୍ଥିତ ଥିଲେ।

# ଗଣିଆରେ ହେବ ଶବ ବ୍ୟବଚ୍ଛେଦ ଗୃହ



ଗଣିଆ, ୨୮।୩( ସନ୍ତୋଷ କୁମାର ପ୍ରଧାନ)

ଦୀର୍ଘ ବର୍ଷର ଦାବି ପରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହେବ ଶବ ବ୍ୟବଚ୍ଛେଦ ଗୃହ । ଦୀର୍ଘଦିନ ହେବ ଗଣିଆରେ ଏହା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଥିଲା । ଏଥିପାଇଁ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଥିଲେ। ଗରିବ ନିରୀହ ଜନସାଧାରଣଙ୍କୁ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦେଉଥିବା ବେଳେ ତା'ଠାରୁ ଅଧିକ ଟଙ୍କା ବ୍ୟବଚ୍ଛେଦ ପାଇଁ ଖର୍ଚ୍ଚ ହେଉଥିଲା। ଏଠାରେ ଏହି ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲା । ଗତ ମାର୍ଚ୍ଚ ୨୫ରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ରାଜ୍ୟର ୫ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଘୋଷଣା କରାଯାଇଛି। ଏହି ୫ ସ୍ଥାନ ମଧ୍ୟରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ରହିଛି। ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ବିଏସ୍ଏନ୍ଏଲ୍ ଅଫିସ ପଛ ପାର୍ଶ୍ୱରେ ନିର୍ମାଣ ପାଇଁ ତହସିଲ ତରଫରୁ ଜାଗା ଚିହ୍ନଟ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ନିମନ୍ତ୍ରଣ

ଖଜୁରିପଡ଼ା, ୨୮।୩ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଦୁତିମେଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଇଁ ଶନିବାର ନିମନ୍ତ୍ରଣ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇଥିଲେ। ବିଦ୍ୟାଳୟରେ ଶିଶୁମାନଙ୍କ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଧାୟକ ନିଜେ ସାହି ସାହି ବୁଲି ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିବା ସହ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଦୁତିମେଣ୍ଡି ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଏଫଏଲଏନ ଶ୍ରେଣୀ ଗୃହକୁ ବିଧାୟକ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ନୋଡାଲ ଅଫିସର ଶ୍ରୀକାନ୍ତ ତରାଇ, ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାଶ, ଖଜୁରିପଡ଼ା ବ୍ଲକ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ନାରସୁ କହର, ସିଆରସିସି ଅମୀୟ ମହାନନ୍ଦ,ସ୍କୁଲ ଏସ୍ଏମ୍ସି ସଭାପତି ଦେବରାଜ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ତାଲିମ ବେଳେ ଅଚେତ ହୋଇପଡ଼ିଲେ ଶିକ୍ଷୟିତ୍ରୀ

ହିଞ୍ଜିଳିକାଟୁ, ୨୮ ।୩( ଦ୍ୱିତୀକୃଷ୍ଣ ପଣ୍ଡା)– ହିଞ୍ଜିଳିକାଟୁ ପିଏମଶ୍ରୀ ସରକାରୀ ବୃନ୍ଦାବନ ବିଦ୍ୟାଳୟରେ ଚାଲିଥିବା ଜନଗଣନା ତାଲିମର ତୃତୀୟ ପର୍ଯ୍ୟାୟରେ ତାଲିମ ବେଳେ ଶନିବାର କେନ୍ଦ୍ରରେ ଜଣେ ଶିକ୍ଷୟିତ୍ରୀ ଅସୁସ୍ଥ ହୋଇଡିଛନ୍ତି। ସେ ହେଲେ ବୁରୁପଡା ଭଗବତୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତି କୁମାରୀ ପାଲ। ସେ ତୃତୀୟ ପର୍ଯ୍ୟାୟ ତାଲିମ ପାଇଁ ବିଦ୍ୟାଳୟରେ ପହଞ୍ଚି ତାଲିମ ନେଉଥିବା ବେଳେ ହଠାତ୍ ଶନିବାର ଅଚେତ ହୋଇ ପଡିଥିଲେ। ମିନତିଙ୍କୁ ତୁରନ୍ତ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଶିକ୍ଷୟିତ୍ରୀ ଜଣକ ଅସୁସ୍ଥ ହୋଇପଡିଥିବା କୁହାଯାଉଛି।

# ଚିକିଟି ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଚିକିଟି,୨୮।୩(ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ)

ଚିକିଟି ଗଡ଼ ସ୍ଥିତ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶିକ୍ଷା ହେଉଛି ଜୀବନର ମୂଳ ଆଧାର। ଛାତ୍ରୀଛାତ୍ର ଠିକ ପଥରେ ଅଗ୍ରସର ହେବେ ଭବିଷ୍ୟତରେ ଦେଶର ଉତ୍ତମ ନାଗରିକ ହେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନାରାୟଣ ବେହେରା, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ସୁନୀଲ କେରକେଟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ତରଫରୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମରଣିକା ପୁସ୍ତିକା ପଠନ କରାଯାଇଥିଲା। ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧାପକ ଡ଼. ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଡିଏଚ୍ଏଚ୍‌ରେ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେଶିନ

**ସମସ୍ତଙ୍କୁ ମିଳିବ ସେବା, ଇକୋ ସୁବିଧା ଉପଲବ୍ଧ**

ଫୁଲବାଣୀ,୨୮।୩ (ରାକେଶ କୁମାର ରାଉତ)



ଅତ୍ୟାଧୁନିକ ଅଲଟ୍ରା ସାଉଣ୍ଡ ମେଶିନ।

ରୋଗୀଙ୍କୁ ଆଉ ହଇରାଣ ହେବାକୁ ପଡିବନି । ଅଲଟ୍ରାସାଉଣ୍ଡ ପାଇଁ ଭଞ୍ଜନଗର, ବ୍ରହ୍ମପୁର କି ଭୁବନେଶ୍ୱର ଯିବାକୁ ପଡ଼ିବ ନାହିଁ । ଶନିବାର ଏକ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେସିନ ଜିଲା ମୁଖ୍ୟ ଚକିତ୍ସାଳୟ(ଡିଏଚ୍ଏଚ୍)ରେ ଲଗାଯାଇଛି। ରବିବାରଠାରୁ ରୋଗୀମାନେ ନିରନ୍ତର ଏବଂ ନିଶୁଳ୍କ ସେବା ପାଇବେ। ଏହି ମେସିନରେ ହୃଦୟ ଜନୀତ ରୋଗ ନିଦାନ(ଇକୋ)ର ସୁବିଧା ରହିଛି । ଯାହା କନ୍ଧମାଳ ଜିଲାବାସୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ କେବଳ ଗର୍ଭବତୀଙ୍କ ପାଇଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ରହିଛି। ସେଠାରେ ଅନ୍ୟ କୌଣସି କାରଣ ପାଇଁ ଅଲଟ୍ରାସାଉଣ୍ଡ କରାଯାଏ ନାହିଁ । ଫଳରେ କେହି ଗୁରୁତର ରୋଗୀ ଆସିଲେ ଅଲଟ୍ରାସାଉଣ୍ଡ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡେ। ରୋଗ ନିଦାନ ଜାଣି ହେଉ ନ ଥିବାରୁ ଡାକ୍ତର ରୋଗୀଙ୍କୁ ବ୍ରହ୍ମପୁର ରେଫର କରିବାକୁ ବାଧ ହୁଅନ୍ତି । ଜିଲାବାସୀଙ୍କ ପକ୍ଷରୁ ଏହି ମେଶିନ ଉପଲବ୍ଧ ଲାଗି ବାରମ୍ବାର ଦାବି ହୋଇ ଆସୁଥିଲା। ଶେଷରେ ବ୍ରହ୍ମପୁର ଆଇଆରଇଏଲ (ଇଣ୍ଡିଆନ ରେଆର ଆର୍ଥ ଲିମିଟେଡ) ପକ୍ଷରୁ ସିଏସଆର ଫଣ୍ଡରେ ଏହି ମେଶିନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯୋଗାଇ ଦିଆଯାଇଛି। ବ୍ରହ୍ମପୁରରୁ ଆଇଆରଇଏଲର ସାଧାରଣ ପରିଚାଳକ ଆସି ଏହାକୁ ଉଦ୍ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା.ସନ୍ତୋଷ କୁମାର ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ଅଲଟ୍ରାସାଉଣ୍ଡ ମେସିନ ଚଲାଇବାକୁ ରେଡିଓଲୋଜି ବିଭାଗ ଡାକ୍ତର ରହିଥିବା ବେଳେ କେହି ହୃଦ୍‌ରୋଗ ବିଶେଷଜ୍ଞ ନାହାନ୍ତି । ଫଳରେ ମେସିନରେ ଥିବା ଇକୋ ବ୍ୟବସ୍ଥାର ସୁବିଧା ରୋଗୀ ପାଇବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ସଂକ୍ଷେପରେ

### ଖରସ୍ରୋତା ନଦୀବନ୍ଧ ରାସ୍ତା ମରାମତି ଦାବି



ସିଂହପୁର,୨୮।୩(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରୁ କଣଛନ୍ଦା ଗ୍ରାମର ଖରସ୍ରୋତା ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା କେତେକ ସ୍ଥାନରେ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କାର୍ଯ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ। ରାସ୍ତା ମରାମତି ବିଳମ୍ବ ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଛି।

### ନାବାଳିକାଙ୍କୁ ପ୍ରତାରଣା କରି ଯୁବକ ଗିରଫ

ବ୍ୟାସନଗର,୨୮।୩(ପବିତ୍ର ରଞ୍ଜନ ମହାନ୍ତି): ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବକ ଜଣେ ନାବାଳିକାଙ୍କୁ ପ୍ରତାରଣା କରିଥିବା ଯାଜପୁରରୋଡ୍ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଳିଙ୍ଗନଗର ଥାନା ବାରଗାଡ଼ିଆ ଗ୍ରାମର ତପନ ଦାସ। ଅଭିଯୋଗ ମୁତାବକ, ବ୍ୟାସନଗର ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଅଭିଯୁକ୍ତଙ୍କ ସୋସିଆଲ ମିଡିଆରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କୁ



ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ପୁରୀ ନେଇଯାଇଥିଲେ। ସେଠାରେ ଏକ ହୋଟେଲରେ ୪ ଦିନ ରହିବା ପରେ ଗତ ୨୫ ତାରିଖରେ ସେମାନେ ବ୍ୟାସନଗର ଫେରିଥିଲେ। ଏହାପରେ ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କ ଘର ନିକଟରେ ଛାଡ଼ି ପଳାଇଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ନାବାଳିକା ନିରାଶ ହୋଇ ୨୬ ତାରିଖରେ ଯାଜପୁରରୋଡ୍ ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୧/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସମସ୍ୟାରେ ଉଠାଜଳସେଚନ କାର୍ଯ୍ୟାଳୟ

■ ଭାଙ୍ଗିଗଲାଣି ଘର, ଟିଣ ଛପର ଘରେ ବସି କାମ କରୁଛନ୍ତି ଅଧିକାରୀ

■ ଅଧିକାଂଶ ପ୍ରକଳ୍ପ ଅଚଳ

**ଧର୍ମଶାଳା,୨୮।୩(ବଟକୃଷ୍ଣ ପରିଡ଼ା):**




ଧର୍ମଶାଳା ଉଠାଜଳସେଚନ ନିଗମ ଉପଖଣ୍ଡ କାର୍ଯ୍ୟାଳୟ ମରାମତି ଅଭାବରୁ ଏବେ ଶୋଚନୀୟ ହୋଇପଡ଼ିଛି। ନାନାଦି ସମସ୍ୟା ଦେଇ ଏହି କାର୍ଯ୍ୟାଳୟ ଗତି କରୁଥିଲେ ମଧ୍ୟ ଏହାର ସୁଧାର ଆଣିବା ପାଇଁ ନିଗମ ଦୃଷ୍ଟି ଦେଉନାହିଁ। ଫଳରେ ନିଜ କାର୍ଯ୍ୟାଳୟର ଅବସ୍ଥା ସୁଧାରି ପାରୁ ନ ଥିବା ନିଗମ ଚାଷୀଙ୍କ ସମସ୍ୟା କିପରି ସମାଧାନ କରିବ ତାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରିଛି। ଜାରକା ମେଳଣ ପଡ଼ିଆ ନିକଟରେ ଥିବା ବିପଦସଙ୍କୁଳ ଗୃହରେ ଚାଲିଛି ଏହି କାର୍ଯ୍ୟାଳୟ। କାର୍ଯ୍ୟାଳୟରେ ମାତ୍ର ଜଣେ ସହକାରୀ ଯନ୍ତ୍ରୀ କାର୍ଯ୍ୟରତ ଥିବାବେଳେ ବରୀ ସେକ୍ସନର କନିଷ୍ଠ ଯନ୍ତ୍ରୀ ଧର୍ମଶାଳା, ରସୁଲପୁର ଓ ବରୀ ଦାୟିତ୍ୱରେ ରହିଛନ୍ତି। ଏଠାରେ ଅନ୍ୟ ସମସ୍ତ ପଦବୀ ଖାଲି ପଡ଼ିଛି। ଏପରିକି ପିଅନ କିମ୍ବା ଝାଡୁଦାର ମଧ୍ୟ ନାହାନ୍ତି। ଛାତ ଘର ଭାଙ୍ଗିରୁଜି ଯାଇଥିବାବେଳେ ଅଧିକାରୀଦ୍ୱୟ ଟିଣ ଛପର ଘରେ ବସି କାମ କରୁଛନ୍ତି। ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବା ପାଇଁ ଗାଡ଼ିଟିଏନାହିଁ। ବହୁବର୍ଷ ପୂର୍ବେ ଯେଉଁ ଜିପ୍ ମିଳିଥିଲା ତାହା ଏବେ କାର୍ଯ୍ୟାଳୟ ପରିସର ଏକ ଭଙ୍ଗା ଘରେ ଖତ ଖାଉଛି। ପରିତ୍ୟକ୍ତ ଅବସ୍ଥାରେ କର୍ମଚାରୀ ଓ ଅଧିକାରୀଙ୍କ କ୍ୱାର୍ଟର୍ସ୍ ରହିଛି। ବର୍ଷାଦିନେ ଗଛଲତା ମାଡ଼ିଯାଉଛି। ରାତିରେ ସରୀସୃପଙ୍କ ଭୟ ରହୁଛି। ଭଙ୍ଗା କ୍ୱାର୍ଟର୍ସରେ ନାନାଦି ଅସାମାଜିକ କାର୍ଯ୍ୟ ସାଙ୍ଗକୁ ନିଶା ସେବନ କରାଯାଉଛି। ଏହା ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି।

ଅନ୍ୟପକ୍ଷରେ ଧର୍ମଶାଳା ବ୍ଲକ୍‌ର ୪୫ ପଞ୍ଚାୟତରେ ଥିବା ଚାଷ ଜମିକୁ ଜଳସେଚିତ ପାଇଁ ନିଗମ ପକ୍ଷରୁ ବିପୁଳ ଟଙ୍କା ବ୍ୟୟରେ ୧୯୮ଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଅଧିକାଂଶ ପ୍ରକଳ୍ପ ଏବେ ଅଚଳ। କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ମୋଟର ଓ ଯନ୍ତ୍ରାଂଶ ଆଦି ଚୋରି ହୋଇଗଲାଣି। ଏସବୁ ସ୍ଥାନୀୟ ପାଣି ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ଏହାର ତଦାରଖ ଦାୟିତ୍ୱ ବିଭାଗୀୟ କର୍ତ୍ତୃପକ୍ଷ ନେଉନାହାନ୍ତି। ଫଳରେ ପ୍ରକଳ୍ପ ପଏଣ୍ଟଉପରେ ଗଛଲତା ମାଡ଼ି ଯାଇଥିବାବେଳେ ମୋଟର ଘରେ ତାଲା ଝୁଲୁଛି। ଗତବର୍ଷ ବର୍ଷାରେ ଅନିୟମିତତା ସାଙ୍ଗକୁ କେନାଲରେ ଆବଶ୍ୟକ ମୁତାବକ ପାଣି ନ ଆସିବାରୁ ଧାନ ଓ ପରିବା ଫସଲ ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ଉଠାଜଳସେଚନ ପଏଣ୍ଟର ଆବଶ୍ୟକ ପଡ଼ିଥିଲା। ହେଲେ ବ୍ଲକ୍‌ର କୌଣସି ସ୍ଥାନରେ ପଏଣ୍ଟ କାର୍ଯ୍ୟକ୍ଷମ ନ ଥିବାରୁ ଧାନ ଚାଷ ହୋଇଥିବା ଜମିକୁ ଆବଶ୍ୟକ ପାଣି ଯୋଗାଇ ହୋଇ ନ ଥିଲା। ଫଳରେ ଏ ବାବଦରେ ବିନିଯୋଗ ହୋଇଥିବା ଟଙ୍କା ପାଣିରେ ପଡ଼ିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟିଦେବାକୁ କୃଷକ ନେତା ବସନ୍ତ ପରିଡ଼ା ଦାବି କରିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶେଷଦେବ ମହାଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଅନ୍‌ଲାଇନ୍‌ରେ ଆବେଦନ ହୋଇଥିବା ୧୬ଟି ପ୍ରକଳ୍ପ ମଞ୍ଜୁର ପାଇଁ ଡିପିଆର୍ ପଠାଯାଇଛି।

## ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ନିର୍ବାଚନ

# ଦେବରାଜ ସଭାପତି, ପ୍ରକାଶ ସମ୍ପାଦକ



ଦେବରାଜ ବେହେରା ସଭାପତି।



ପ୍ରକାଶ ଦାଶ ସମ୍ପାଦକ।

**ଚଣ୍ଡିଖୋଲ,୨୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବରାଜ ବେହେରା ସଭାପତି ଓ ପ୍ରକାଶ ଦାଶ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଜ୍ଞାନେସ ମହାନ୍ତି, କୋଷାଧ୍ୟକ୍ଷ ବେବିନା ଓଝା, ଯୁଗ୍ମସମ୍ପାଦକ ସୁଢ଼ଳ କବି ନିର୍ବାଚିତ ହୋଇଛନ୍ତି। ପାଠାଗାର ସହସମ୍ପାଦକ ଭାବେ ଇନ୍ଦିରା ପ୍ରିୟଦର୍ଶିନୀ, ସାଂସ୍କୃତିକ ସହସମ୍ପାଦକ ଭାବେ ଦୀନବନ୍ଧୁ ନାୟକ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରେଣୁବାଳା ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଦାଶ ଚଳିତ ବର୍ଷକୁ ମିଶାଇ ୧୧ ଥର ସମ୍ପାଦକ ପଦବୀରେ ବିଜୟୀ ହୋଇଥିବାବେଳେ ଦେବରାଜ ୫ମ ଥର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# ଲୋକଙ୍କ ସ୍ୱାର୍ଥ ପାଇଁ ଜୋର୍‌ଦାର ଲଢ଼େଇ ହେବ



ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

## କଂଗ୍ରେସରେ ସାମିଲ ହେଲେ ବିଜେଡି, ଭାଜପା କର୍ମୀ

**ଚଣ୍ଡିଖୋଲ,୨୮।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ଓ ବାଲିପଡ଼ିଆ ପଞ୍ଚାୟତର ବହୁ ବିଜେଡି ଓ ଭାଜପା କର୍ମୀ ଦଳ ପରିତ୍ୟାଗ କରି ଶନିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଏନେଇ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ବ୍ଲକ କଂଗ୍ରେସ ସଭାପତି ଚିନ୍ମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଭାବେ ରାଜ୍ୟ କଂଗ୍ରେସ ସୃଜନ ଓ ପରିବେଶ କମିଟି ଅଧ୍ୟକ୍ଷ ସୁଧାଂଶୁ ଶେଖର ଦେଓ ଯୋଗଦେଇ ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ଆଗାମୀ ଦିନରେ ସଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଓ ବ୍ୟବସ୍ଥା ବିରୋଧରେ ଜୋରଦାର ଲଢ଼େଇ ହେବ ବୋଲି ପ୍ରକାଶ କରିଥିଲେ। ବାଲିପଡ଼ିଆ ପଞ୍ଚାୟତରୁ ଦୁର୍ଗା ଚରଣ ମଲ୍ଲିକ, ହୃଷୀକେଶ ମଲ୍ଲିକ, ଆଦିତ୍ୟ ମଲ୍ଲିକ, ବିଶ୍ୱମ୍ଭର ମଲ୍ଲିକ, ଗୋବର୍ଦ୍ଧନ ମଲିକ, ରାଜକିଶୋର ମଲ୍ଲିକ, କେଶବ ମଲ୍ଲିକ, ସଞ୍ଜୟ ମଲ୍ଲିକ, ପ୍ରମୋଦ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ବରଦା ପଞ୍ଚାୟତରୁ କମଳା କାନ୍ତ ସାମଲଙ୍କ ନେତୃତ୍ୱ ରେ ଭରତ ମଲ୍ଲିକ, ଶିବ ପ୍ରସାଦ ମଲ୍ଲିକ, ରତିକାନ୍ତ ମଲ୍ଲିକ, ସଞ୍ଜୟ ମଲ୍ଲିକ, ଚିତ୍ରସେନ ମଲ୍ଲିକ, ଗିରିଶ ମଲ୍ଲିକ, ବାବାଜୀ ମଲ୍ଲିକ ଅକ୍ଷୟ ମଲ୍ଲିକ, ନିରଞ୍ଜନ ମଲ୍ଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା କୁହାଯାଇଛି।

## ମଧୁକେଶ୍ୱର ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପାରାୟଣ

**ଧର୍ମଶାଳା, ୨୮।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆସ୍ଥିତ ମଧୁକେଶ୍ୱର ମନ୍ଦିର ପରିସରରେ ପ୍ରଭୁ ଶ୍ରୀରାମଙ୍କ ନବଦିନ ପାରାୟଣ, ପ୍ରବଚନ, ଯଜ୍ଞ, ରାମଲୀଳା, ହନୁମାନ ଚାଳିସା ଗତ ୧୯ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ବିଜୟ କରଙ୍କ ସଭାପତିତ୍ୱରେ ବିଭିନ୍ନ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବ ମନୋହର ଦାସ ମହାରାଜ, ପଣ୍ଡିତ ହୃଷୀକେଶ ରଥ, ପଣ୍ଡିତ ରବୀନ୍ଦ୍ର ହୋତା, ପଣ୍ଡିତ ବିଶ୍ୱନାଥ ଶତପଥୀ ପ୍ରମୁଖ ଯୋଗଦେଇ ସମାଜ ସଂସ୍କାର ପାଇଁ ପ୍ରଭୁ ଶ୍ରୀରାମଙ୍କ ଅବଦାନ ସମ୍ପର୍କରେ ପ୍ରବଚନ ଦେଇଥିଲେ। ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ବଳବନ୍ତରାୟ, ସାମାଜିକ କର୍ମୀ ମିନତି ସାହୁ, ପବିତ୍ର ମୋହନ ଦାଶ, ବ୍ଲକ ଅଧକ୍ଷା ସୁଚିସ୍ମିତି ଦାସ, ଡା. ବିଜୟ ଶତପଥୀ, ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ, ଗୋକର୍ଣ୍ଣିକା ସଭାପତି ରମାକାନ୍ତ ଜେନା ଓ ପ୍ରିୟନାଥ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁଣ୍ଡାଖାଇ ନାଟ୍ୟ ସଂସ୍ଥା ପକ୍ଷରୁ ରାମଲୀଳା ପରିବେଷଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ପ୍ରାଧାପକ ତୁହିନାଂଶୁ ରଥ ଓ ଯୁବକମାନଙ୍କ ସହଯୋଗରେ ଯଜ୍ଞ ଉତ୍ସବ ଶାନ୍ତି ଶୃଙ୍ଖଳାର ଶେଷ ହୋଇଥିଲା।

# ଶ୍ରୀରାମପୁର ଗ୍ରାମରେ ବାସନ୍ତିକ ଦୁର୍ଗାପୂଜା



**ଦଶରଥପୁର,୨୮।୩ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଚାଲିଛି। ବୁଧବାର କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଗୁରୁବାର ପୂଜା ଅବସରରେ ଗ୍ରାମର ଶତାଧିକ ପରିବାର ସହ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ମାନସିକ ଲାଗି ଆସିଥିଲେ। ଶୁକ୍ରବାର ଓ ଶନିବାର ନବମୀ ଏବଂ ଦଶମୀ ତିଥି ଅବସରରେ ମା'ଙ୍କ ନିକଟରେ କଖାରୁ ବଳି ଦିଆଯାଇଥିଲା। ପୂଜା କମିଟି ତରଫରୁ ୨ ଦିନ ଅପେରା କାର୍ଯ୍ୟକ୍ରମ ରହିଥିବାବେଳେ ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ କାରିଗର କାର୍ତ୍ତିକ ଜେନାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମା'ଙ୍କ ପ୍ରତିମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି। ପୂଜକ କୃପାସିନ୍ଧୁ ପଣ୍ଡା ଏବଂ ପ୍ରଶାନ୍ତ ପଣ୍ଡା ପୂଜା କାଯର୍ଯ୍ୟ ତୁଲାଉଛନ୍ତି। କର୍ତ୍ତାଭାବେ ଗ୍ରାମର ପାଣ୍ଡବ ଦାସ ଓ ରଞ୍ଜୁଲତା ଦାସ ଦାୟିତ୍ୱ ସମ୍ପାଦନା କରୁଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପୂଜାକମିଟି କର୍ମକର୍ତ୍ତା ହରେକୃଷ୍ଣ ପରିଡା, ଶରତ ଚନ୍ଦ୍ର ଦାସ, କୁଶାସନ ଦାସ, ଶ୍ରୀକାନ୍ତ ଦାସ, ଚନ୍ଦ୍ରକାନ୍ତ ଦାସ ଓ ପୀତବାସ ବେହେରାଙ୍କ ସହ ଅନ୍ୟମାନେ ସହଯୋଗ କରୁଥିବା ଦେଖାଯାଇଛି।

# ଜାତୀୟ ରାଜପଥରେ ଗୁଳି ଫୁଟାଇ ଲୁଟ୍

## ବାଇକ୍, ମୋବାଇଲ ଫୋନ୍ ନେଇଗଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ,୨୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର କଟିକଟା ଛକ ନିକଟରେ ଶୁକ୍ରବାର ରାତି ୧୦ଟା୩୦ରେ ଲୁଟ୍ ହୋଇଛି। ଜଣେ ବାଇ୍ ଆରୋହୀଙ୍କୁ ୩ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଅଟକାଇ ଗୁଳି ଫୁଟାଇବା ସହ ତାଙ୍କ ବାଇକ୍ ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ମାତ୍ର ଏ ପର୍ଯ୍ୟନ୍ତ ଦୁର୍ବୃତ୍ତ ଧରାପଡ଼ିନାହାନ୍ତି।



ଜବତ ହୋଇଥିବା ଖୋକା।

ଅଭିଯୋଗ ମୁତାବକ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଗ୍ରାମର ରିୟାଜ ଖାଁ ତାଙ୍କ ସାଙ୍ଗ ସେକ୍ ଇସ୍ତାହାରଙ୍କୁ(ଓଡି୨୯ଏଚ୍୫୮୭୭)ନଂ. ବାଇକ୍‌ରେ ବସାଇ କଣ୍ଢେଇ ଢ଼ାବାକୁ ଖାଇବା ପାଇଁ ଯାଉଥିଲେ। କଟିକଟା ଛକଠାରୁ ୨୦୦ ମିଟର ଦୂରରେ ପଛରୁ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ସେମାନଙ୍କୁ ବନ୍ଧୁକ ଦେଖାଇ ଅଟକାଇଥିଲେ। ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧିଥିଲେ। ରିୟାଜ ବାଇକ୍ ଅଟକାଇବା ପରେ ଦୁର୍ବୃତ୍ତ ଗୋଟାଏ ରାଉଣ୍ଡ ଗୁଳି ଫୁଟାଇଥିଲେ। ରିୟାଜ ଓ ତାଙ୍କ ସାଙ୍ଗ ନଇଁ ପଡ଼ିବାରୁ ଗୁଳି ଯାଇ ରାସ୍ତାକଡ଼ ବାଡ଼ାରେ ବାଜିଥିଲା। ଏହାପରେ ଦୁର୍ବୃତ୍ତ ରିୟାଜଙ୍କ ବାଇକ୍ ଓ ମୋବାଇଲ ଫୋନ୍ ଲୁଟ କରି କେନ୍ଦ୍ରାପଡ଼ା ଅଭିମୁଖେ ପଳାଇଥିଲେ। ରିୟାଜ ଥାନାକୁ ଫୋନ କରିବା ପରେ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଏକ ଖୋକା ଜବତ କରିଥିଲା। ଶନିବାର ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ପରିଦର୍ଶନ କରିଥିଲା। ଏନେଇ ଥାନାରେ ନଂ.୧୧୬/୨୬ରେ ଏକ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ଦିଲୀପ ମହାନ୍ତି ସୂଚନା ଦେଇଛନ୍ତି।

# ଶ୍ରୀରାମ ସେବା ସମିତି ପକ୍ଷରୁ ଶୋଭାଯାତ୍ରା

**ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ରାମନବମୀ ଉପଲକ୍ଷେ ଶ୍ରୀରାମ ସେବା ସମିତି ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଯାଜପୁରସହରର ଯାଉଁଳିବନ୍ଧ ମଙ୍ଗଳାମନ୍ଦିରଠାରୁ ଆରମ୍ଭ ହୋଇ ଯୋଡିକୁଅ, ଗରିଆପୁର, ମେଡିକାଲଛକ, ଗାନ୍ଧିଛକ, ହାବେଳିବଜାର ଛକ, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ବଜାର ଛକ ଦେଇ ଦେବୀଗଡା ଠାରେ ଶେଷ ହୋଇଥିଲା। ସେଠାରେ ରାମଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ, ରାମ ଲୀଳା ମୂର୍ତ୍ତି, ରାମ ଲାଲ ମୂର୍ତ୍ତି, ହନୁମାନ ମୂର୍ତ୍ତି ସାମିଲ ହେବା ସହ ବିଭିନ୍ନ ବାଦ୍ୟ ପରିବେଷଣ କରାଯାଇଥିଲା। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ବହୁ ସଂଖ୍ୟାରେ ଯୁବକ, ମହିଳା ଓ ରାମଭକ୍ତ ସ୍ୱେଚ୍ଛାସେବୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ଚଣ୍ଡିଖୋଲ ପ୍ରେସ୍‌କ୍ଲବ୍‌ର ସାଧାରଣ ପରିଷଦ ବୈଠକ

**ବଡ଼ଚଣା,୨୮।୩ (ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ ପ୍ରେସ୍‌କ୍ଲବ୍‌ର ଏକ ସାଧାରଣ ପରିଷଦ ବୈଠକ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବେଣୁଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଣଭୋଜି ଉପରେ ଆଲୋଚନା ହେବାପରେ ସାଂଗଠନିକ ବିଷୟ ଉପରେ ମତପ୍ରକାଶ ପାଇଥିଲା। ସମ୍ପାଦକ ହେମେଶ ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କିପରି କ୍ଲବ ଆଗାମୀ ଦିନରେ ନିଜର ଗୌରବ ବଜାୟ ରଖିପାରିବ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି ଉନ୍ନୟନ କାର୍ଯ୍ୟ ନେଇ ମତବ୍ୟକ୍ତ କରିଥିଲେ। ଉପସଭାପତି ସମରେନ୍ଦ୍ର ମହଲା



ବୈଠକରେ ଯୋଗ ଦେଇଥିବା ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା।

ବୈଠକର ନିଷ୍ପତ୍ତିକୁ ସମସ୍ତ ସଭ୍ୟ ମାନିବାକୁ କହିଥିଲେ। ପ୍ରେସକ୍ଲବ ଗୃହ ନିର୍ମଣ ପାଇଁ ବିଧାୟକ ଅମର ନାୟକ ବିଧାୟକ ହାତପାଣ୍ଠିରୁ ୮ ଲକ୍ଷ ଟଙ୍କା ଦେଇଥିବାରୁ ସର୍ବସମ୍ମତି କ୍ରମେ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ଉପଦେଷ୍ଟା ଅଭିମନ୍ୟୁ ଧଳ, କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ଉପସଭାପତି ପ୍ରଶାନ୍ତ ଜେନା, ସମରେନ୍ଦ୍ର ମାହାଲା, କୋଷାଧ୍ୟକ୍ଷ ପ୍ରଶନ୍ନ ବିଶ୍ୱାଳ, ଆବାହକ ସଞ୍ଜୟ ସ୍ୱାଇଁ, ପ୍ରତାପ ରାଉତରାୟ, ସେକ ସବିରୁଦ୍ଦିନ, ଅଜୟ ଦାସ, ମହେଶ୍ୱର ରାଉତ, ଦିଲୀପ ସାହୁ, ଭାରତ ଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ନ ନେଲେ ଜିଲାପାଳ ଅଫିସ୍ ଘେରାଉ

## ୨ ଯୁବକଙ୍କୁ ବାନ୍ଧି ମାଡ଼ ମାରିବା ଘଟଣା

**ଯାଜପୁର,୨୮।୩(ହର୍ଷବର୍ଦ୍ଧନ ବେହେରା)**

ଦୁଇ ଯୁବକଙ୍କୁ ଉଠାଇ ନେଇ ଗ୍ରାମ ମଝିରେ ବାନ୍ଧି ମାଡ଼ ମାରି କଙ୍ଗାରୁକୋର୍ଟ କରିବା ଅଭିଯୋଗ ଉପରେ ପୋଲିସ ନିଷ୍କ୍ରିୟ ରହିଛି। ଏହା ବିରୋଧରେ ଆସନ୍ତା ୩୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ୧୫ଟି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହିମର୍ମରେ ଶନିବାର ଯାଜପୁର ଶାନ୍ତି ମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୂଳ ନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ, ଭୀମ ଆର୍ମି, ସାନ୍ତାଳ ସମାଜ, ବିର୍ସା ବିଗ୍ରେଡ୍, ଆମ୍ବେଦକର ଫାଉଣ୍ଡେଶନ, ସାମାଜିକ ସମତା ଅଭିଯାନ, ମୂଳ ନିବାସୀ ସମତା ପରିଷଦ, ଆମ୍ବେଦକର ଉନ୍ନୟନ ପରିଷଦ, ମୂଳ ନିବାସୀ ଛାତ୍ର ମଞ୍ଚ, ଅନୁସୂଚିତ ଜାତି ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି, ଆମ୍ବେଦକର ବିକାଶ ପରିଷଦ କର୍ମକର୍ତ୍ତାମାନେ ୨ ଦିନ ମଧ୍ୟରେ ପୋଲିସ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁସାରେ ଯାଜପୁର ସଦରଥାନା ମହେଶ୍ୱରପୁର ଗ୍ରାମର ରାଜେନ୍ଦ୍ର ମହାରଣା ଓ କଣ୍ଟାବଣିଆ ଗ୍ରାମର ଦେବାଶିଷ ମଲ୍ଲିକଙ୍କୁ ଘରୁ ଉଠାଇ ନେଇ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ହୋଇ ଗ୍ରାମ ମଝିରେ ବାନ୍ଧିବା ସହ ନିପ୍ଠୁର ମାଡ଼ ମାରିଥିଲେ। ଏହାସହ ସ୍ନେହାଶିଷ ମଲିକ ନାମକ ଜଣେ ଯୁବକଙ୍କ ମା'ଙ୍କୁ ଉଠାଇ ନେଇଥିଲେ। ଏ ସମ୍ପର୍କରେ ପରିବାରବର୍ଗ ପୋଲିସକୁ ଖବର ଦେବାରୁ ଯାଜପୁର ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧକ ଦୁଇ ଯୁବକଙ୍କ ସହ ସ୍ନେହାଶିଷଙ୍କ ମା'ଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। କିନ୍ତୁ ସେମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ପୋଲିସ ଓଲଟା ଥାନାରେ ଦୁଇ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖି ଅତ୍ୟାଚାର କରିଥିଲା। ଏ ସଂକ୍ରାନ୍ତରେ ପୀଡିତ ପରିବାର ଯାଜପୁର ଏସ୍‌ପି, ଜିଲାପାଳ ଏବଂ ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ ଭେଟି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ପୋଲିସ ଏହି ଘଟଣାରେ କେବଳ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରି ନିଜର ଦାୟିତ୍ୱ ସାରିଦେଇଛି। ସଂଘବଦ୍ଧ ଆକ୍ରମଣ କରି କଙ୍ଗାରୁ କୋର୍ଟ କରିଥିବା ଅନ୍ୟ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏପରିକି ଶାରୀରିକ ନିର୍ଯାତନା ଦେଇଥିବା ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଖବରଦାତା ସମ୍ମିଳନୀରେ ଆଇନଜୀବୀ ବିଭ୍ରାନ୍ତ ବିଶ୍ୱଜିତ୍, ବିଶ୍ୱନାଥ ପାତ୍ର, ସସ୍ମିତା ଜେନା, ଅବଦୁଲ ରଫ, ମନୋଜ ଜେନା, ନିରଞ୍ଜନ ଜେନା, ଅମର ଦାସ, ବିଜୟ ମଲ୍ଲିକ, ଧନେଶ୍ୱର କିସ୍‌କୁ, ଦୁଷ୍ମନ୍ତ ଜେନା, ଲିଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ସଂଗଠନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ
# ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ସରୋଜ ବିଶ୍ୱାଳ

ଜଗତ୍‌ସିଂହପୁର, ୨୮।୩ (ପ୍ରମୋଦ କୁମାର ନାୟକ)


ରବୀନ୍ଦ୍ର କୁମାର ସ୍ୱାଇଁ


ସରୋଜ ବିଶ୍ୱାଳ

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ସୁବ୍ରତ ଶତପଥୀ, ରବୀନ୍ଦ୍ର କୁମାର ସ୍ୱାଇଁ ଓ ସଲିଳ କୁମାର ଘୋଷ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଲଢ଼େଇ ବିଶେଷକରି ସ୍ୱାଇଁ ଓ ଶତପଥୀଙ୍କ ମଧ୍ୟରେ ହୋଇଥିଲା। ଶତପଥୀଙ୍କୁ ୧୫୭ ଓ ସ୍ୱାଇଁଙ୍କୁ ୧୭୩ ଖଣ୍ଡ ଭୋଟ ମିଳିଛି। ଫଳରେ ସ୍ୱାଇଁ ୧୬ ଖଣ୍ଡ ଅଧିକ ଭୋଟରେ ବିଜୟଲାଭ କରିଛନ୍ତି। ସେହିପରି ଉପସଭାପତି ପଦବୀରେ ସୂର୍ଯ୍ୟନାରାୟଣ ଦାସ ଓ ଉମାଶଙ୍କର ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଦାସ ବିଜୟୀ ହୋଇଛନ୍ତି। ଏଥିରେ ଦାସଙ୍କୁ ୨୦୭ ଓ ସ୍ୱାଇଁଙ୍କୁ ୧୨୭ ଖଣ୍ଡ ଭୋଟ ମିଳିଛି। ସମ୍ପାଦକ ପଦବୀରେ ସାରଦା ପ୍ରସାଦ ଦାସ ଓ ସରୋଜ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଗଣତିରେ ବିଶ୍ୱାଳ ୨୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଦାସଙ୍କୁ ୧୫୨ ଓ ବିଶ୍ୱାଳଙ୍କୁ ୧୭୯ ଖଣ୍ଡ ଭୋଟ ମିଳିଛି। ଯୁଗ୍ମ ସମ୍ପାଦକ ପଦବୀରେ ଦୁର୍ଯ୍ୟୋଧନ ରାଉତ ଓ ପ୍ରଭାତ ରଞ୍ଜନ ପଲ୍ଲାଉର ମଧ୍ୟରେ ଲଢ଼େଇ ହୋଇଥିବାବେଳେ ରାଉତ ଜିତିଛନ୍ତି। ପଲ୍ଲାଉରଙ୍କୁ ମାତ୍ର ୮୪ ଓ ରାଉତଙ୍କୁ ୨୫୦ ଖଣ୍ଡ ଭୋଟ ମିଳିଛି। କୋଷାଧ୍ୟକ୍ଷ ପଦବୀରେ ପ୍ରକାଶ ଚନ୍ଦ୍ର ରାୟ ଓ ଗୋପବନ୍ଧୁ ଚୌଧୁରୀଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ରାୟ ୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଚୌଧୁରୀଙ୍କୁ ୧୬୬ ଓ ରାୟଙ୍କୁ ୧୬୮ ଖଣ୍ଡ ଭୋଟ ମିଳିଛି। କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇଛନ୍ତି ଆଦିତ୍ୟ କୁମାର ବେହେରା, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ରାଜଶ୍ରୀ ମହାନ୍ତି, ରୋଜାଲିନ ଲେଙ୍କା ଓ ରୋଜାଲିନ ସାହୁ। ନିର୍ବାଚନରେ ମୋଟ ୩୭୪ ଭୋଟରଙ୍କ ମଧ୍ୟରୁ ୩୪୦ ଜଣ ଭୋଟ୍ ଦେଇଥିଲେ। ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ନନ୍ଦଙ୍କୁ ବରିଷ୍ଠ ଆଇନଜୀବୀ ପାର୍ଥସାରଥି ଦାସ, ଯଦୁମଣି ବିଶ୍ୱାଳ, ମହମ୍ମଦ ଖୁର୍ସିଦ ଅଲ୍ଲୀ, ତ୍ରିଲୋଚନ ସାହୁ ଓ ଚନ୍ଦ୍ରଶେଖର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିଲା ପରେ ପ୍ରଥମ ଥର ପାଇଁ ଚଳିତ ନିର୍ବାଚନରେ ଦଳ ପ୍ରତ୍ୟକ୍ଷ ନ ହେଲେ ବି ପରୋକ୍ଷ ଭାବେ ସକ୍ରିୟ ଅଂଶଗ୍ରହଣ କରି ଦଳୀୟ ସମର୍ଥିତ ସଭାପତି ଓ କୋଷାଧ୍ୟକ୍ଷ ପ୍ରାର୍ଥୀଙ୍କୁ ଜିତାଇଥିବା କୁହାଯାଇଛି। ଅନ୍ୟ ପଦବୀ ଯଥା ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଜିତିଛନ୍ତି। ନିର୍ବାଚନ ପୂର୍ବରୁ ପାଖାପାଖି ୧ ମାସ ହେବ ପ୍ରମୁଖ ରାଜନୈତିକ ଦଳ ଯଥା ଭାଜପା ଓ ବିଜେଡି ଶିବିର ଚଳଚଞ୍ଚଳ ହୋଇଉଠିଥିଲା। ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଜୁଟାଇବା ପାଇଁ ସମସ୍ତ କୌଶଳ ଆପଣାଇଥିଲେ।

## ପାରାଦୀପ ବାର୍ ଆସୋସିଏଶନ ନିର୍ବାଚନ
# ତପନ ସଭାପତି, ହେମନ୍ତ ସମ୍ପାଦକ


ପାରାଦୀପ ବାର୍ ଆସୋସିଏଶନର ନବନିର୍ବାଚିତ ସଭ୍ୟମାନେ।

ପାରାଦୀପ, ୨୮।୩ (ଶରତ ରାଉତ)

ପାରାଦୀପ ବାର ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିଭାବେ ହାଇକୋର୍ଟ ଏଜିଏ ତପନ କୁମାର ଦାଶ, ସାଧାରଣ ସମ୍ପାଦକ ଭାବେ ହେମନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ଅନ୍ୟ କର୍ମକର୍ତ୍ତା ମଧ୍ୟରେ ଉପସଭାପତି ବସନ୍ତ କୁମାର ବିଶ୍ୱାଳ ଓ କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ମଣ୍ଡଳୀରେ ପ୍ରଶାନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ଜେନା ଓ ଗୋଲକ ବିହାରୀ ସୂତାର, କୋଷାଧ୍ୟକ୍ଷ ଗୋପୀନାଥ ମଲ୍ଲ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ୬ ଜଣ ଜିତିଛନ୍ତି ବୋଲି ନିର୍ବାଚନ ଅଧିକାରୀ ଅବିନାଶ ଦାସଙ୍କ ପକ୍ଷରୁ ସୂଚନା ମିଳିଛି।

# ୧୮୯ ହାଉସ ଲିଷ୍ଟିଂ ବ୍ଲକ ପାଇଁ ୧୭୦ ଗଣନାକାରୀ

- ୨୦୨୭ ଜନଗଣନା ନିମନ୍ତେ ଗଣନାକାରୀଙ୍କୁ ପ୍ରଶିକ୍ଷଣ
- ତଦାରଖ ଦାୟିତ୍ୱରେ ୨୯ ସୁପରଭାଇଜର

ରଘୁନାଥପୁର, ୨୮।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୭ ଜନଗଣନା ନିମନ୍ତେ ଗଣନାକାରୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ତୃତୀୟ ପର୍ଯ୍ୟାୟ ପଞ୍ଚମ ବ୍ୟାଚ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ୩ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରାଙ୍କ ସହ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର, ଅକ୍ଷୟ କୁମାର ମହାନ୍ତି ଓ ପ୍ରଶାନ୍ତ କୁମାର ସାହୁ ରିସର୍ଚ୍ଚ ପର୍ସନ ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏପ୍ରିଲରୁ ଏହି ଜନଗଣନା ୨ ଗୋଟି ପର୍ଯ୍ୟାୟରେ ଚାଲୁ ରହିବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହାଉସ ଲିଷ୍ଟିଂ ଅପରେଶନ(ଏଚ୍ଏଲ୍ଓ)ଆପ୍ ଦ୍ୱାରା ଲୋକମାନେ ୩୩ ପ୍ରକାର ପ୍ରଶ୍ନର ଉତ୍ତର ରଖିବେ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୬ରୁ ମେ'୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଗଣନାକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଘରକୁ ଘର ବୁଲି ଏହାକୁ ତଦାରଖ କରିବା ସହ ଆବଶ୍ୟକସ୍ଥଳେ ଏହାର ସଂଶୋଧନ ଅଥବା ଏଚ୍ଏଲଓ ଆପ୍ ଦ୍ୱାରା କରିପାରି ନ ଥିବା ବ୍ୟକ୍ତି ବିଶେଷଙ୍କୁ ତଥ୍ୟ ପ୍ରଦାନରେ ସହଯୋଗ କରିବେ। ଜଣେ ଗଣନାକାରୀ ୨ ଶହ ଘର କିମ୍ବା ୭ଶହ ଲୋକଙ୍କ ଜନଗଣନା କରିବେ। ଏଥିରେ ତାଙ୍କୁ ସୁପରଭାଇଜରମାନେ ପୂର୍ଣ୍ଣ ସହଯୋଗ କରିବେ। ଏହି ଗଣନା ୧ ବର୍ଷ ଅର୍ଥାତ୍ ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲୁରହିବ। ଲୋକମାନେ ଦେଉଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବା ସହ ଘରକୁ ଘର ବୁଲୁଥିବା ଗଣନାକାରୀଙ୍କୁ ସମସ୍ତେ ସହଯୋଗ କରିବା ପାଇଁ ତହସିଲଦାର ନାୟକ ନିବେଦନ କରିଛନ୍ତି। ଏପ୍ରିଲ ପହିଲାରେ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କ ଘରେ ଗଣନାକାରୀ ଓ ଅଧିକାରୀମାନେ ପହଞ୍ଚି ଜନଗଣନାର ଶୁଭାରମ୍ଭ କରିବେ ବୋଲି ତହସିଲଦାର ନାୟକ ସୂଚନା ଦେଇଛନ୍ତି।

# ଉଠୁନି ଧାନ: ମଣ୍ଡିରେ ଚାଷୀଙ୍କ ଧାରଣା

## ଟାର୍ଗେଟ ନ ଥିବାରୁ ଅସୁବିଧା ଭୋଗୁଛନ୍ତି ଚାଷୀ


ମଣ୍ଡିରେ ଧାରଣାରେ ବସିଥିବା ଚାଷୀମାନେ।

ରଘୁନାଥପୁର, ୨୮।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ମା' ନାରାୟଣୀ ସେବା ସମବାୟ ସମିତି ଧାନ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଚାଷୀଙ୍କ ଧାନ ଉଠିପାରୁନାହିଁ। ପ୍ରତିବାଦ ସ୍ୱରୂପ ଚାଷୀମାନେ ମଣ୍ଡିରେ ପୂର୍ବାହ୍ନ ୧୦ଟାରୁ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ କୌଣସି ଅଧିକାରୀ ନ ଆସିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଶେଷରେ ଜିଲା ଯୋଗାଣ ଅଧିକାରୀ ଜିତ୍ରୟ ଟୁଡୁ ଫୋନ ଯୋଗେ ଆସନ୍ତା ସୋମବାର ମଣ୍ଡିକୁ ଟାର୍ଗେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୩ ଟାରେ ଚାଷୀମାନେ ଧାରଣା ସ୍ଥଗିତ ରଖିଥିଲେ। ମାର୍ଚ୍ଚ ଶେଷ ହେଉଥିବାରୁ ପ୍ରତିଶ୍ରୁତି ମୁତାବକ ଟାର୍ଗେଟ ଦିଆ ନ ଗଲେ ଚାଷୀମାନେ କଟକ-ପାରାଦୀପ ରାସ୍ତା ଅବରୋଧ କରିବେ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଚାଷୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ମଣ୍ଡିରେ ୩୦ ଜଣ ଚାଷୀଙ୍କ ୯୨୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ବାକିରହିଛି। ଶିବଶକ୍ତି ମହିଳା ଏସ୍ଏଚ୍ଜି ମଣ୍ଡି ଦାୟିତ୍ୱରେ ରହିଛି। ଏ ସମ୍ପର୍କରେ ଚାଷୀମାନେ ଗତ ବୁଧବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ବାକିଥିବା ଚାଷୀଙ୍କ ଧାନ କ୍ରୟ କରା ନ ଗଲେ ଚାଷୀମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲିଖିତଭାବେ ଦର୍ଶାଇଥିଲେ। ୩/୪ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଚାଷୀମାନେ ବାଧ ହୋଇ ଧାରଣା ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି। ଏହି ଧାରଣାରେ ଅନ୍ତର୍ଯ୍ୟାମୀ ରାଉତ, ବିନୋଦ ବିହାରୀ ମହାନ୍ତି, ତ୍ରିଲୋଚନ ନାୟକ, ବିଭୂତି ଭୂଷଣ ଦାସ, ସୁରେନ୍ଦ୍ର ମହାନ୍ତି, ବିପିନ କୁମାର ସିଂହ, ଦେବେନ୍ଦ୍ର ବରାଳ, ବସନ୍ତ କୁମାର ନାୟକ, ଅଜୟ ବେହେରା, ଜଗତ ବଲ୍ଲଭ ମହାନ୍ତି, ବ୍ରଜକିଶୋର ବରାଳଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ।

# ତିର୍ତ୍ତୋଲ ଓକିଲ ସଂଘ: ସରୋଜ ପାଣିଗ୍ରାହୀ ସଭାପତି, ଟୁକନ ଚରଣ ସେଠୀ ସମ୍ପାଦକ

ତିର୍ତ୍ତୋଲ, ୨୮।୩ (ଗୌରାଙ୍ଗ ଚରଣ ସ୍ୱାଇଁ)


ସରୋଜ କୁମାର ପାଣିଗ୍ରାହୀ


ଟୁକନ ଚରଣ ସେଠୀ

ତିର୍ତ୍ତୋଲ ଓକିଲ ସଂଘ ନିର୍ବାଚନ ଶନିବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଭାବେ ଟୁକନ ଚରଣ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ସାହୁ, ସହସମ୍ପାଦକ ଭାବେ ଗୋଲେଖ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଉମେଶ ଚନ୍ଦ୍ର ସାହୁ, ରଶ୍ମିତା ଦାସ, ରିତା ମହାନ୍ତି, ଶୁଭେନ୍ଦୁ ନାରାୟଣ ରାୟ, ତ୍ରିଲୋଚନ ବେହେରା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ନାରାୟଣ ମହାନ୍ତି ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥିଲେ।

# ସଞ୍ଜୟ ସଭାପତି, ରଞ୍ଜିତ ସମ୍ପାଦକ


କୁଜଙ୍ଗ ଓକିଲ ସଂଘର ନବନିର୍ବାଚିତ ସଭ୍ୟମାନେ ବଜାର ପରିକ୍ରମା କରୁଛନ୍ତି।

କୁଜଙ୍ଗ, ୨୮।୩ (ମନୋଜ ପ୍ରଧାନ)

## କୁଜଙ୍ଗ ଓକିଲ ସଂଘ ନିର୍ବାଚନ

ରାଜ୍ୟ ବାର କାଉନ୍ସିଲ ନିଷ୍ପତ୍ତି ଅନୁସାରେ ଶନିବାର କୁଜଙ୍ଗ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ କନିଷ୍ଠ ଆଇନଜୀବୀ କରୁଣାକର ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଞ୍ଜୟ ୧୧୬ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ କରୁଣାକର ସାହୁ ୬୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସମ୍ପାଦକ ନିମନ୍ତେ ରଞ୍ଜିତ ବିଶାଳ ଓ କିଶୋର ଶତପଥୀ ଏବଂ ସହସମ୍ପାଦକ ନିମନ୍ତେ ସେଲିନାମୟୀ ବିଶ୍ୱାଳ ଓ ପ୍ରିୟମ୍ବଦା ପାଣି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରଞ୍ଜିତ ୧୧୪ ଖଣ୍ଡ ଭୋଟ ପାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ କିଶୋର ମାତ୍ର ୬୪ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟପଟେ ସହ ସମ୍ପାଦକ ପଦବୀ ନିମନ୍ତେ ପ୍ରିୟମ୍ବଦା ୧୦୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ, ସେଲିନା ୭୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଉପସଭାପତି ଭାବେ ଦୀପକ କୁମାର ନାୟକ, ଯୁଗ୍ମସମ୍ପାଦକ ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପବିତ୍ର ମୋହନ ନାୟକ, ପାଠାଗାର ସମ୍ପାଦକ ଭାବେ ପ୍ରଫେସର ପ୍ରଧାନ ଓ କାର୍ଯ୍ୟକାରୀ କମିଟି ସଭ୍ୟାସଭ୍ୟ ଭାବେ ଦେବେନ୍ଦ୍ର କୁମାର ସାହୁ, ପାର୍ଥସାରଥି ମହାନ୍ତି, ପ୍ରଶାନ୍ତ କୁମାର ବାରିକ, ନିର୍ମଳ କୁମାର ମଲ୍ଲିକ, ସୁବୋଧ କୁମାର ଶତପଥୀ, ରାଜେଶ କୁମାର ଶିଲ, ପ୍ରତାପ କୁମାର ମଲ୍ଲ ଓ ଲକିବାଳା ପ୍ରଧାନ ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ କହିଛନ୍ତି।

# ହାଇୱା ପଛକୁ ପିଟିଲା ବାଇକ୍: ଯୁବକ ମୃତ

ବାଲିକୁଦା, ୨୮।୩ (ତାପସ ସ୍ୱାଇଁ)

କଟକ-ନୂଆଗାଁ ୫୫ ନଂ. ଜାତୀୟ ରାଜପଥର ଅରିଲୋ-ସଦେଇପୁର ମଧ୍ୟସ୍ଥଳରେ ଶନିବାର ରାତି ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଇଛାପୁର ପଞ୍ଚାୟତ ଅନ୍ତର୍ଗତ ପରାହାଟ ଗାଁର ସ୍ୱର୍ଗତ ନିତ୍ୟାନନ୍ଦ ରାଉତଙ୍କ ଏକମାତ୍ର ପୁଅ ଦେବାଶିଷ ରାଉତ ଓରଫ କସରା (୨୭)। ଦେବାଶିଷ ସ୍ଥାନୀୟ ଏକ କନ୍‌ଷ୍ଟ୍ରକଶନ କମ୍ପାନୀ ଷ୍ଟକ ୟାର୍ଡର ରାତ୍ରି ଜଗୁଆଳ ଭାବେ କାମ କରନ୍ତି। ଶନିବାର ଗାଁରୁ ଏକ ଭୋଜି ଖାଇ ସହଯୋଗୀଙ୍କ ପାଇଁ ବାଇକ୍‌ରେ ଖାଦ୍ୟ ନେଇ ଯାଉଥିଲେ। ଏହି ସମୟରେ ଅରିଲୋ-ସଦେଇପୁର ରାସ୍ତାର ବାମପାର୍ଶ୍ୱରେ ଅଟକି ରହିଥିବା ଏକ ହାଇୱା ପଛରେ ତାଙ୍କ ବାଇକ୍ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଦେବାଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଥାନାକୁ ଆଣିଥିବା ବେଳେ ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# କାଳବୈଶାଖୀ : ଉଡ଼ିଗଲା ବିଦ୍ୟାଳୟର ଆଜବେଷ୍ଟସ୍

କୁଜଙ୍ଗ, ୨୮।୩ (ମନୋଜ ପ୍ରଧାନ)



କାଳବୈଶାଖୀ ପ୍ରଭାବରେ ଶୁକ୍ରବାର କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ଅନ୍ତର୍ଗତ ବଉଳାଙ୍ଗସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟର କେତୋଟି ଶ୍ରେଣୀଗୃହର ଆଜବେଷ୍ଟସ୍ ଉଡ଼ିଯିବା ସହ ବ୍ୟାପକ କ୍ଷତି ହୋଇଛି। ୩ ଶ୍ରେଣୀବିଶିଷ୍ଟ ଏହି ବିଦ୍ୟାଳୟରେ ୧୭୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପଢୁଛନ୍ତି। ୩୮ ବର୍ଷ ତଳେ ଏହି ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା। ଗତ ୧୯୯୯ ମହାବାତ୍ୟାରେ ପୁନଃ ନିର୍ମାଣ ହୋଇଥିଲା। ହୁଡହୁଡ଼ ବାତ୍ୟାରେ ପୁଣି କ୍ଷତିଗ୍ରସ୍ତ ହୋଇ ଥିଲା। ତାହାକୁ ମରାମତି କରାଯାଇ ଶ୍ରେଣୀ ଗୃହ ରୂପେ ବ୍ୟବହାର କରାଯାଉଥିଲା।

ସେଠାରେ ଦୁଇଟି ସ୍ମାର୍ଟ ଗୃହ ନିର୍ମାଣ ହୋଇଥିବା ବେଳେ ଆଉ ଦୁଇଟି ନିର୍ମାଣକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର କାଳବୈଶାଖୀ ଯୋଗୁ ଶ୍ରେଣୀ ଗୃହ ପୁଣି ଭାଙ୍ଗିଯାଇଛି। କେତେକ ଡେସ୍କ, ବେଞ୍ଚ ଓ ଆସବାବପତ୍ର ନଷ୍ଟ ହୋଇଯାଇଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତ, ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ନାୟକ, କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ବାବାଜୀ ଚରଣ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବା ସହ ନିର୍ମାଣାଧୀନ ଶ୍ରେଣୀଗୃହକୁ ତୁରନ୍ତ ଶେଷ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ପାଣିଓଳାରେ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, ୨୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମସ୍ଥିତ ଶ୍ରୀରାମ ଚନ୍ଦ୍ର ମହାପ୍ରଭୁଙ୍କ ମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଯଜ୍ଞର ଶୁଭାଧିବାସ ସହିତ ନିକଟସ୍ଥ ଲୁଣାନଦୀରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ସୂର୍ଯ୍ୟପୂଜା ଓ ଗୋପୂଜା ସହିତ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇ ପ୍ରଭୁ ଶ୍ରୀରାମଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଭଗବାନ ଶ୍ରୀରାମଙ୍କ ପୁଣ୍ୟ ପ୍ରକଟ କର୍ମ ଓ ଅଭିଷେକ ସହିତ ନାମ ସଂକୀର୍ତ୍ତନ କରାଯାଇଥିଲା। ଶନିବାର ଯଜ୍ଞୋତ୍ସବର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ତ୍ରୈଲୋକ୍ୟ ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ମଣ୍ଡଳୀ ଯଜ୍ଞ କର୍ମ ସମ୍ପନ୍ନ କରିଥିବା ବେଳେ କର୍ତ୍ତା କର୍ତ୍ତ୍ରୀଭାବେ ରମେଶ ଚନ୍ଦ୍ର ପରିଡ଼ା ଓ ସ୍ୱର୍ଣ୍ଣଲତା ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀରାମ କୃପା ପରିଷଦ ପକ୍ଷରୁ ସଭାପତି ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ, ସମ୍ପାଦକ ଗୋକୁଳାନନ୍ଦ ପରିଡ଼ା ଓ ଅଧିକାରୀ ଭାବେ ସୁବାସ ଚନ୍ଦ୍ର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞ ପୁରୁଷଙ୍କ ଆଶିଷ କାମନା କରିଥିଲେ। ଅଜୟ କୁମାର ବେହେରା, ଅଶୋକ କୁମାର ପରିଡ଼ା, ସୁଶାନ୍ତ କୁମାର ବଳ, ଦିଲୀପ କୁମାର ପରିଡ଼ା ଓ ଅଭୟ କୁମାର ପରିଡ଼ାଙ୍କ ସମେତ ପାଣିଓଳା-୨, କୁଲୁସାହି ଓ ହରିଅଙ୍କ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଢିଅସାହି ଛକରେ ଛାତ୍ରୀଙ୍କ ରାସ୍ତା ଅବରୋଧ

## କାର୍ ଧକ୍କାରେ ଛାତ୍ରୀ ମୃତ୍ୟୁ ମାମଲା

- ଅଭିଯୁକ୍ତଙ୍କୁ ଗିରଫ ସହ କଠୋର କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି

ଜଗତ୍‌ସିଂହପୁର, ୨୮।୩ (ପ୍ରମୋଦ କୁମାର ନାୟକ)



ଛାତ୍ରୀମାନେ ଢିଅସାହି ଛକରେ ରାସ୍ତାରୋକୋ କରିଛନ୍ତି।

ଜଗତ୍‌ସିଂହପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨୫ ତାରିଖରେ ଏକ କାର୍ ଧକ୍କାରେ କାଦୁଆପଡ଼ା ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ +୩ ଶେଷ ବର୍ଷ (ବିଜ୍ଞାନ) ଛାତ୍ରୀ ତଥା ସ୍ଥାନୀୟ ଅଳସୁଧା ଗ୍ରାମର ତୃପ୍ତିମୟୀ ସାହୁଙ୍କ ମୃତ୍ୟୁ ଘଟିଥିଲା। ଜନଗହଳିପୂର୍ଣ୍ଣ ରାସ୍ତାର ବାମ ପାର୍ଶ୍ୱରେ ତୃପ୍ତିମୟୀ ଥିବାବେଳେ କାର୍ ଚାଳକ ବେପରୁଆ ଭାବେ ଦକ୍ଷିଣ ପାର୍ଶ୍ୱକୁ ମାଡି ଧକ୍କା ଦେବାରୁ ତାଙ୍କ ଜୀବନ ଚାଲିଯାଇଥିଲା।

ଏହି ଖବର କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଗଭୀର ଦୁଃଖ ଦେଇଛି। ଏହି ମାମଲାରେ ପୋଲିସ କାର୍ (ନମ୍ବର ଓଡି-୩୩-ଏବି-୪୮୯୩)କୁ ଜବତ କରିବା ସହ ଅଭିଯୁକ୍ତ ଅଧ୍ୟାପକ ତଥା ସ୍ଥାନୀୟ ଓହଳରେ ରହୁଥିବା ଭୁବନେଶ୍ୱର ୟୁନିଟ୍ ୪ ଅନ୍ତର୍ଗତ ଏଜି କଲୋନିର ପ୍ରଶାନ୍ତ କୁମାର ସାହୁ (୫୮)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। କିନ୍ତୁ ଅନ୍ୟତମ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନ ଥିବା ଦର୍ଶାଇ ମହାବିଦ୍ୟାଳୟ ଛାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଶତାଧିକ ଛାତ୍ରୀ ଶନିବାର ନିକଟସ୍ଥ ଢିଅସାହି ଛକରେ ରାସ୍ତାରୋକୋ କରି ତୀବ୍ର ପ୍ରତିବାଦ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ସାହୁଙ୍କୁ ଫାଶୀ ଦଣ୍ଡ ଦିଆଯିବା ସହ ଅନ୍ୟତମ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ହେଲମେଟ୍ ଚେକିଂକୁ କଡ଼ାକଡ଼ି କରାଯାଉ। ମଦ ଓ ଅନ୍ୟ ନିଶା କାରବାର ବନ୍ଦ ହେଉ। ମଦ୍ୟପଙ୍କୁ ଚିହ୍ନଟ ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତୃପ୍ତିମୟୀଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉ। ଏହିସବୁ ଦାବି ରଖି ଛାତ୍ରୀମାନେ ପାଖାପାଖି ୨ ଘଣ୍ଟା କାଳ ରାସ୍ତାରୋକୋ କରିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ, ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ ପ୍ରମୁଖ ପହଞ୍ଚି ମୃତ ତୃପ୍ତିମୟୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିଲା। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ମହାବିଦ୍ୟାଳୟରେ +୩ ଶେଷ ବର୍ଷ ଛାତ୍ରୀଙ୍କ ପାଇଁ ବିଦାୟକାଳୀନ ଉତ୍ସବ (ଫେୟାରୱେଲ)ର ଆୟୋଜନ କରାଯାଇଥିଲା। ଏନେଇ ତୃପ୍ତିମୟୀ ବହୁତ ଖୁସି ହୋଇ ମହାବିଦ୍ୟାଳୟରେ ପହଞ୍ଚି ଅନ୍ୟ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ସହ ନାଚ ଓ ଗୀତରେ ମସ୍‌ଗୁଲ ହୋଇଯାଇଥିଲେ। ଭୋଜି ଖାଇ ବସ୍‌ରେ ଜଗତ୍‌ସିଂହପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ସେଠାରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଦୁଃଖର କଥା ହେଲା ମାତ୍ର ୫ ମିନିଟ୍ ଭିତରେ ସବୁକିଛି ଓଲଟପାଲଟ ହୋଇ ଯାଇଥିଲା। କାର ଦୁର୍ଘଟଣାରେ ତୃପ୍ତିମୟୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ବଳଭଦ୍ରପୁରରେ ବଧୂହତ୍ୟା ଅଭିଯୋଗ

ନୟାଗଡ଼,(ଲୋକନାଥ ମିଶ୍ର):ନୟାଗଡ଼ ସଦର ଥାନା ବଳଭଦ୍ରପୁର ଗାଁରେ ବାସନ୍ତୀ ଦଳେଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ.୬୮/୨୬ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । କ୍ରୀଡାଶପୁର ପଞ୍ଚାୟତ ମାଳତିପୁର ଗାଁ ବାସନ୍ତୀ ୩ମାସ ତଳେ ବଳଭଦ୍ରପୁର ଗାଁର ମନୋଜ ଦଳେଇଙ୍କୁ ପ୍ରେମ ବିବାହ କରିଥିଲେ ।

## ମୁକୁଳା ଡ୍ରେନରୁ ଗାଈ ଉଦ୍ଧାର

ଖଣ୍ଡପଡା,୨୮।୩(ଅଜୟ କୁମାର ମହାରଣା):ଖଣ୍ଡପଡା- ଭାପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ମା' ଉମାଦେବୀ ଛକଠାରୁ ତ୍ରିନାଥ ଛକକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ମୁକୁଳା ଡ୍ରେନଟି ବୁଲା ଗୋରୁମାନଙ୍କ ପାଇଁ ବିପଦର କାରଣ ହୋଇଛି । ଏ ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ଏକ ଗାଈ ଏହି ମୁକୁଳା ଡ୍ରେନରେ ଖସିପଡି ଛଟପଟ ହେଉଥିଲା । ଗାଈଟି ଡ୍ରେନରେ ପଡି ଚିତ୍କାର କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଉକ୍ତ ଗାଈକୁ ଉଦ୍ଧାର କରିବାରେ ସମସ୍ୟା ସୃଷ୍ଟି ହେଉଥିବାରୁ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ସଙ୍ଗେ ସଙ୍ଗେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗାଈଟିକୁ ଉଦ୍ଧାର କରିଥିବା ଜଣାପଡିଛି ।

# ଗୋଟିଏ ପରିବାରର ୪ଜଣ ହାତେଇଥିବା ଅଭିଯୋଗ

### କୁରାଳ ପାକ୍ସରେ ଜାଲ ପ୍ରମାଣପତ୍ରରେ କୃଷିଋଣ

### ତଦନ୍ତ କରାଯିବାକୁ କହିଲେ ଡିଆରସିଏସ୍

ନୟାଗଡ଼,୨୮।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡଗାଁ ଶାଖା ଅନ୍ତର୍ଗତ କୁରାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପ୍ୟାକ୍ସ)ରେ ଗୋଟିଏ ପରିବାରର ବାପା, ମା' ପୁଅ ଓ ବୋହୂ ଏପରି ୪ଜଣ ସଦସ୍ୟ କୃଷିଋଣ ହାତେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ କୃଷି ଋଣ ଜାଲ ପ୍ରମାଣ ପତ୍ରରେ କରାଯାଇଥିବା ଜଣାପଡିଛି। ଏନେଇ ପାକ୍ସ ସଭାପତି କାହ୍ନୁ ଚରଣ ପଣ୍ଡା କୁହନ୍ତି, କୁରାଳ ପାକ୍ସରେ ଗୋଟିଏ ପରିବାରର ଭଗବାନ ପାତ୍ର, ସ୍ତ୍ରୀ ରତ୍ନବାଳା ପାତ୍ର, ପୁଅ ବଦ୍ରିନାଥ ପାତ୍ର ଓ ବୋହୂ ଉଷାରାଣୀ ପାତ୍ରଙ୍କ ନାଁରେ ଜାଲ ପ୍ରମାଣ ପତ୍ରରେ କୃଷିଋଣ କରାଯାଇଥିବା ଜଣାପଡିଛି। ପୁଣି ଆଉ କେତେଜଣଙ୍କର ମଧ୍ୟ ପ୍ରମାଣ ହସ୍ତଗତ ହୋଇଛି। ଜଣ ପିଛା ୫୦ ହଜାର ଲେଖାଏ ୨ ଲକ୍ଷ ଟଙ୍କା କୃଷିଋଣ ନେଇଛନ୍ତି, ଏହାର ତଦନ୍ତ ଚାଲିଛି। ଅନିୟମିତତା ସମ୍ପର୍କରେ ବଦ୍ରିନାଥ ପାତ୍ର ଜାଲ ପ୍ରମାଣ ପତ୍ରରେ କୃଷିଋଣ ନେଇଥିବାର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ବ୍ୟାଙ୍କ କଣ ଜାଲ କାଗଜାତରେ କେବେ ଋଣ ଦେବ। ଆମର ୭ ଏକର ଜମି ଅଛି। ଆମେ ପରିବାରର ୪ଜଣଙ୍କର ଋଣ ସରକାରଙ୍କ ନୀତି ନିୟମ ଆଧାରରେ ନେଇଛୁ ବୋଲି କହିଛନ୍ତି। ଏ ନେଇ କୁରାଳ ପାକ୍ସର ସମ୍ପାଦକ ତଥା ସୁପରଭାଇଜର ଇନ୍‌ଚାର୍ଜ ବିଦ୍ୟାଧର ମହାନ୍ତିଙ୍କର ୭୦୦୮୯୨୯୨୧୧ କୁ ବାରମ୍ବାର ଫୋନ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ଥିଲେ। ଡିଆରସିଏସ୍ ଅନନ୍ତ ଚରଣ ନାୟକ କୁହନ୍ତି, କୃଷିଋଣ ଜାଲିଆତିର ତଦନ୍ତ କରାଯିବ। ଗୋଟିଏ ପରିବାରର ୪ଜଣ କେଉଁ ବର୍ଷ ଋଣ ନେଇଛନ୍ତି, ସେହି ସମୟରେ କିଏ ଇନଚାର୍ଜ ଥିଲେ ତାର ତଦନ୍ତ ହେବ। ଯଦି ପ୍ରକୃତରେ ଜାଲ ପ୍ରମାଣ ପତ୍ରରେ ଋଣ ଦିଆଯାଇଥିବାର ଜଣାପଡେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ତାଡକା ବଧ ବେଶରେ ଦର୍ଶନ ଦେଲେ ପ୍ରଭୁ

### ଓଡଗାଁ ଶ୍ରୀରାମ ନବମୀ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା



ନୟାଗଡ଼, ୨୮।୩(ଲୋକନାଥ ମିଶ୍ର)

ସ୍ୱର୍ଣ୍ଣ କଳସ କ୍ଷେତ୍ର ଓଡ଼ଗାଁରେ ଶ୍ରୀରାମ ନବମୀ ଯାତ୍ରାର ୨ୟ ସନ୍ଧ୍ୟା ପ୍ରଭୁ ଶ୍ରୀରଘୁନାଥଜୀଉ ତାଡ଼କା ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ତ୍ରେତୟା ଯୁଗରେ ରାକ୍ଷସମାନଙ୍କ ଅନୀତି ଅତ୍ୟାଚାରରେ ମୁନି ଋଷିମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ମୁନି ଋଷିମାନଙ୍କୁ ସୁରକ୍ଷା ପାଇଁ ବିଶ୍ୱାମିତ୍ରଙ୍କ ଅନୁରୋଧକ୍ରମେ ଅଯୋଧ୍ୟାର ରାଜା ଦଶରଥ ରାମ ଲକ୍ଷଣ ଦୁଇ ପୁତ୍ରଙ୍କୁ ଋଷିଙ୍କ ସହିତ ବନକୁ ପଠାଇଛନ୍ତି। ପ୍ରଭୁ ଶ୍ରୀରାମ ମାୟାବିନୀ ତାଡକାକୁ ଶର ନିକ୍ଷେପ କରିବାରୁ ତା'ର ମୃତ୍ୟୁ ଘଟିଛି। ତପୋଭୂମୀ ରାକ୍ଷସମାନଙ୍କ ଦୌରାତ୍ମ୍ୟରୁ ମୁକ୍ତିଲାଭ କରିଛି। ମୁନି,ଋଷିଗଣ ଆଶ୍ୱସ୍ତ ହୋଇଛନ୍ତି।ଏହିପରି ରାମାୟଣ ବର୍ଣ୍ଣିତ ଦୃଶ୍ୟକୁ ପ୍ରଭୁଙ୍କ ରତ୍ନ ସିଂହାସନ ନିକଟରେ ହିଁ ସାଜସଜ୍ଜା କରାଯାଇଥାଏ। ପ୍ରତିଦିନ ରାଜ୍ୟ ତଥା ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀଜିଉଙ୍କୁ ଭୋର ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟାରେ ବେଶ ଦର୍ଶନ କରୁଛନ୍ତି। ରବିବାର ସନ୍ଧ୍ୟାରେ ପ୍ରଭୁଙ୍କ ଅହଲ୍ୟା ଉଦ୍ଧାରଣ ବେଶ ଦର୍ଶନ କରିବାକୁ ମିଳିବ।

## ଦ୍ୱିତୀୟ ସନ୍ଧ୍ୟାରେ ସୀତା ବିବାହ, ପର୍ଶୁରାମ ଭେଟ

### ୫୪ତମ ଗଣିଆ ଲଙ୍କାପୋଡ଼ି ଯାତ୍ରା

ଗଣିଆ,୨୮।୩(ସନ୍ତୋଷ କୁମାର ପ୍ରଧାନ)

ଗଣିଆରେ ବିରାଜିତ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମନବମୀଠାରୁ ଚାଲିଥିବା ଲଙ୍କାପୋଡ଼ି ଯାତ୍ରା ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ସୀତା ବିବାହ ଓ ପର୍ଶୁରାମ ଭେଟ ଲୀଳାଭିନୟ ଅଭିନୀତ ହୋଇଥିଲା। ସକାଳେ ମନ୍ଦିରର ପୂଜାନୀତିପରେ ରାତିରେ ରାମଲୀଳା ପରିଷଦ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ମିଥିଳା ରାଜ୍ୟର ରାଜାଜନକ କନ୍ୟା ଦେବୀ ସୀତାଙ୍କ ବିବାହ ନିମନ୍ତେ ସ୍ୱୟଂମ୍ବରର ଆୟୋଜନ କରିଥିଲେ । ଖବର ପାଇ ଋଷି ବିଶ୍ୱାମିତ୍ର ରାମ, ଲକ୍ଷ୍ମଣଙ୍କୁ ନେଇ ଉକ୍ତ ସ୍ୱୟମ୍ବର ସଭାରେ ଯୋଗଦେଇଥିଲେ। ଶ୍ରୀରାମଚନ୍ଦ୍ର ଶିବଧନୁ ଭଗ୍ନ କରି ସୀତାଙ୍କୁ ବିବାହ କରିଥିଲେ। ସେହିପରି ଲକ୍ଷ୍ମଣ ଉର୍ମିଳାଙ୍କୁ, ଭରତ ମାଣ୍ଡବୀଙ୍କୁ, ଶତ୍ରୁଘ୍ନ ମାଳିନୀଙ୍କୁ ବିବାହ କରିଥିଲେ। ଶିବଧନୁ ଭଗ୍ନ ସମୟରେ ତ୍ରିଭୁବନ ପ୍ରକମ୍ପିତ ହୋଇଥିଲା। ତ୍ରିଭୁବନ କମ୍ପିବା ନେଇ ପୂର୍ବରୁ ପୃଥିବୀକୁ ୨୧ ଥର କ୍ଷତ୍ରିୟଶୂନ୍ୟ କରିଥିବା ପର୍ଶୁରାମ ଅଯୋଧ୍ୟା ଆସି ଶ୍ରୀରାମଙ୍କ ପଥ ଓଗାଳି ତାଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇଥିଲେ। ପର୍ଶୁରାମ ତାଙ୍କ ବୈଷ୍ଣବୀ ଧନୁରେ ଗୁଣ ଚଢାଇ ନିଜ ବୀରତ୍ୱ ପରିଚୟ ଦେବାକୁ ପ୍ରଭୁ ଶ୍ରୀରାମଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଭୁ ଶ୍ରୀରାମ ବାମ ହସ୍ତରେ ପର୍ଶୁରାମଙ୍କର ବୈଷ୍ଣବୀ ଧନୁରେ ଗୁଣ ଚଢ଼ାଇଥିଲେ। ଏଥି ସହ ଚତୁରତାର ସହିତ ପର୍ଶୁରାମଙ୍କଠାରେ ଥିବା ବୈଷ୍ଣବ କଳାକୁ ହରଣ କରି ନେଇଥିଲେ। ପର୍ଶୁରାମ ଶ୍ରୀରାମଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଅବତାରକୁ ଅନୁଭବ କରି ନିଜ ଭୂଲ ବୁଝି ପାରିଥିଲେ। ଏଥିସହ କ୍ଷମା ଦେଇ ମୁକ୍ତି କରିବାକୁ ପର୍ଶୁରାମ ପ୍ରଭୁ ଶ୍ରୀରାମଙ୍କୁ ନିବେଦନ କରିଥିଲେ। ପରେ ପର୍ଶୁରାମ ହିମାଳୟକୁ ତପସ୍ୟା କରିବାକୁ ଚାଲି ଯାଇଥିଲେ। ରାମଲୀଳା ପରିଷଦର ନାଟ୍ୟଗୁରୁ ଦ୍ୱିତୀକୃଷ୍ଣ ସାହୁ ଓ ସନୁଜରାମଙ୍କ ନିର୍ଦ୍ଦେଶନାରେ ଏହି ରାମଲୀଳା ନାଟକ ପରିବେଷଣ କରାଯାଇଥିବା ବେଳେ ବହୁ ଶ୍ରଦ୍ଧାଳୁ ନାଟକର ଏହି ଦୃଶ୍ୟକୁ ଉପଭୋଗ କରିଥିଲେ ।

## ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ



ମଞ୍ଚାସୀନ ଅତିଥି ବୃନ୍ଦ ।

ଦଶପଲ୍ଲା, ୨୮।୩ (ପ୍ରକାଶ କୁମାର ପାଣି)

ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ସହ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଉତ୍ସ ଚାଲି, ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ମୁଖ୍ୟବକ୍ତା ପ୍ରାଧାପକ ଡ଼. ଜୟଦେବ ଗୌଡ଼, ସମ୍ମାନୀତ ଅତିଥି କାଉନସିଲର ବୀଣାପାଣି ପାଣି, ଶିକ୍ଷାବିତ୍ ଡ଼. ନାରାୟଣ ମହାପାତ୍ର, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ସୂର୍ଯ୍ୟମଣି ସେନ, ସ୍କୁଲ ପରିଚାଳନା କମିଟିର ଉପସଭାପତି ସନ୍ତୋଷ କୁମାର ମହାନ୍ତି, ପଞ୍ଚସଖା ଶିକ୍ଷାସେତୁ ସଭାପତି ମାନସୀ ପଟ୍ଟନାୟକ, ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ବାର୍ଷିକ କ୍ରୀଡାରେ ଅଂଶ ଗ୍ରହଣକରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଅଭିନେତ୍ରୀ'ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ତାଡକା ବଧ, ଯାଗରକ୍ଷା, ଶିବଧନୁଭଗ୍ନ

### ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ୨ୟ ଦିବସ

ଦଶପଲ୍ଲା, ୨୮।୩ (ପ୍ରକାଶ କୁମାର ପାଣି)



ଶିବଧନୁ ଭଗ୍ନର ଏକ ଦୃଶ୍ୟ ।

ଭାରତ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଦ୍ୱିତୀୟ ଦିବସରେ ଶନିବାର ମଧ୍ୟାହ୍ନରେ ପ୍ରଭୁ ରଘୁନାଥଙ୍କ ମନ୍ଦିରରେ ଜାଗରକ୍ଷା,ତାଡକା ବଦ୍ଧ ଓ ଶିବଧନୁଭଗ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାତିରେ ମନ୍ଦିର ସମ୍ମୁଖରେ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରଙ୍କ ଦ୍ୱାରା ଅହଲ୍ୟା ତାରଣ,ତାଡ଼କା ବଦ୍ଧ, ଯାଗରକ୍ଷା,, ଗଙ୍ଗାପାର, ମିଥିଲ୍ୟା ଗମନ ଓ ଶିବଧନୁଭଗ୍ନ ନୀଳାଭିନୟ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଶିଷ୍ଟ କବି ବିକ୍ରମ ନରେନ୍ଦ୍ରଙ୍କ ରଚିତ ରାମଲୀଳା ପୋଥିଗୀତ ସାଙ୍ଗକୁ କେଇହଳ ଗିନି ଓ ପାରମ୍ପାରିକ ବାଦ୍ୟଯନ୍ତ୍ର ସାହାଯ୍ୟରେ ଏହି ନିଳାଭିନୟ ଅନୁଷ୍ଠିତ ହୋଇଥାଏ । ପାରମ୍ପାରିକ ଗାୟନଶୈଳୀ ଓ ନୃତ୍ୟାଭିନୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ରାମରସରେ ନିମଜ୍ଜିତ କରିବା ସହିତ , ମନ୍ତ୍ରମୁଗ୍ଧ କରିବା ସଂଗେ ସଂଗେ ବିମୋହିତ କରିଦେଇଥିଲା ।

## ବିଶ୍ୱଶାନ୍ତି ଗୀତାଯଜ୍ଞ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ



ଖଣ୍ଡପଡ଼ା,୨୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସିଧାମୂଳାସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୈଦିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ୨୬ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୈଦିକ ବ୍ରାହ୍ମଣସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଭାବେ ବ୍ରାହ୍ମଣସମାଜ ସଭାପତି ଗଙ୍ଗାଧର ଷଡ଼ଙ୍ଗୀ, କୁଳମଣି ମିଶ୍ର, ଉଦ୍ୟନାଥ ମିଶ୍ର ଶର୍ମା, ସୂର୍ଯ୍ୟନାରାୟଣ ମିଶ୍ର ଶର୍ମାଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁସଂଖ୍ୟାରେ ମହିଳା ପୁରୁଷ ପୂର୍ଣ୍ଣାହୁତି କାର୍ଯ୍ୟକୁ ଉପଭୋଗ କରିଥିଲେ। ଆୟୋଜିତ ଯଜ୍ଞରେ ବନମାଳୀ ମିଶ୍ର ଓ ଉଦ୍ୟନାଥ ମିଶ୍ର ପୁସ୍ତକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ବ୍ରାହ୍ମଣସମାଜ ସଦସ୍ୟମାନେ ସାକଲ୍ୟ ଓ ସମିଧ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ଦଶପଲ୍ଲାରେ ପ୍ରବୀଣ ଭାଇ ତୋଗାଡ଼ିଆ

ଦଶପଲ୍ଲା, ୨୮।୩ (ପ୍ରକାଶ କୁମାର ପାଣି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଂସ୍ଥାପକ ତଥା ସଭାପତି ପ୍ରବୀଣ ଭାଇ ତୋଗାଡ଼ିଆ ଶନିବାର ଦଶପଲ୍ଲାର ଏକ ଘରୋଇ କୋଚିଂ ସେଣ୍ଟର ପରିସରରେ ପହଞ୍ଚି ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ରଙ୍କୁ ହିନ୍ଦୁତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ତାଙ୍କ ଅଭିଭାଷଣର ମୂଳତତ୍ତ୍ୱ ଥିଲା ହିନ୍ଦୁ ରାଷ୍ଟ୍ର ଭାରତରେ ହିନ୍ଦୁମାନଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି। ସମାନ୍ତରାଳ ଭାବେ ସ୍ୱାଧୀନତା ପାଇବା ସମୟରେ ମୁସଲମାନଙ୍କ ସଂଖ୍ୟା ଯାହା ଥିଲା ତାହା ଏବେ ବହୁ ଗୁଣିତ ହୋଇଛି। ଅସ୍ତ୍ରୋପଚାର କରି ଆମର ଶିଶୁ ଜନ୍ମ ରୋକିବା ସହ ଦୁଇଟି ସନ୍ତାନ ଯଥେଷ୍ଟରେ ସୀମିତ କରି ଦିଆଗଲା। ଅଥଚ ଅଣ ହିନ୍ଦୁମାନଙ୍କ ପାଇଁ ତାହା ଲାଗୁ ହେଲାନାହିଁ । ଏବେ ସମୟ ଆସିଛି ଆମେ ହିନ୍ଦୁ ଧର୍ମକୁ ବଞ୍ଚାଇ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର। ଆମେ ନିଜେ ହିନ୍ଦୁ ଧର୍ମ ପାଳନ କରିବା, ଆମ ପିଲାମାନଙ୍କୁ ଜାତି ପ୍ରେମରେ ଉଦ୍‌ବୁଦ୍ଧ କରିବା, ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଏବଂ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କ ସହିତ ଆସିଥିବା ହିନ୍ଦୁ ଜାଗରଣ ସମିତି, ଛାତ୍ର ସଂଗଠନ ରାଜ୍ୟ ସଭାପତି କୁମାର ମହାନ୍ତ, ବୈଦ୍ୟନାଥ ପଟ୍ଟନାୟକ ମଧ୍ୟ ନିଜ ନିଜର ଅଭିଭାଷଣ ରଖିଥିଲେ। ଅନୁଷ୍ଠାନ ସଭାପତି ମାନସ ରଞ୍ଜନ ବେହେରା ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ହାଡିବନ୍ଧୁ ମହାଖୁଡ଼ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଜଳିଗଲା ଟ୍ରେଲର



ନୟାଗଡ,୨୮।୩(ଲୋକନାଥ ମିଶ୍ର):ଇଟାମାଟି ଥାନା ବଲାଙ୍ଗୀର- ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ ବଡପଣ୍ଡୁସର ନିକଟରେ ଶନିବାର ଅପରାହ୍ନରେ ଓଡି୦୪ଏଲ୧୩୩୭ ନଂ ଟ୍ରେଲର ଆପେ ଆପେ ଜଳିଯାଇଛି । ଟ୍ରେଲରଟି ଚଣ୍ଡିଖୋଲରୁ ରାୟଗଡା ଅଭିମୁଖେ ଯାଉଥିଲା। ଡ୍ରାଇଭର ବଡପଣ୍ଡୁସରଠାରେ ଟ୍ରେଲର ଅଟକାଇ ଖାଇବାକୁ ଯାଇଥିଲେ। ଖାଇ ସାରି ଆସିବା ପରେ ଟେଲର ଜଳୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ନୟାଗଡ଼ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଟ୍ରେଲର ଆଗପାଖ ଜଳି ଯାଇଥିବାବେଳେ ପଛପାଖ ସୁରକ୍ଷିତ ଅଛି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରୟାସ'

ଖଣ୍ଡପଡା,୨୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରାଞ୍ଚଳସ୍ଥିତ ଆଦର୍ଶ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ 'ପ୍ରୟାସ' ଅନୁଷ୍ଠାନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ନୟାଗଡ଼ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡଙ୍ଗୀ ଏବଂ ସମ୍ମାନୀତ ଅତିଥି ଏମ୍‌ପିଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବିଡିଓ ଅଙ୍କୁର ଅଭିଳାଷ,ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଖଣ୍ଡପଡା ଉପଖଣ୍ଡ ଅଧିକାରୀ ମଦନମୋହନ ପ୍ରଧାନ,ରଣପୁର ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱରଞ୍ଜନ ବଳ ଓ ଅତିରିକ୍ତ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରିବା ପରେ ସହକାରୀ ଶିକ୍ଷକ ମନୋଜ କୁମାର ବିଶ୍ୱାଳ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ଜ୍ୟୋତିର୍ବିଦ୍ ତଥା ସିଦ୍ଧାନ୍ତ ଦର୍ପଣ ରଚୟିତା ପଠାଣିସାମନ୍ତଙ୍କ ଜନ୍ମମାଟିରେ ଗଢିଉଠିଥିବା ଏହି ଆଦର୍ଶ ବିଦ୍ୟାଳୟ ହେଉଛି ଛାତ୍ରୀ ଛାତ୍ରମାନଙ୍କ ପାଇଁ ଏକ ମନ୍ଦିର । ଏଥି ପାଇଁ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥି ଅବଗତ ହୋଇ ଛାତ୍ରୀ ଛାତ୍ର ମାନଙ୍କ ରହଣୀ ପାଇଁ ଏକ ଛାତ୍ରୀ ନିବାସ ନିର୍ମାଣ, ମାନସିକ ଓ ଶାରିରୀକ ଅଭିବୃଦ୍ଧି ନିମନ୍ତେ ଉନ୍ନତ ଧରଣର ଏକ କ୍ରୀଡାଙ୍ଗନ ସହ ଅନୁଷ୍ଠାନର ଉନ୍ନତି ଓ ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ ସ୍ୱାଇଁ ସୂଚନା ଦେବା ସହ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏ ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ବସନ୍ତିଆ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗିରି ଗୋବର୍ଦ୍ଧନ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଭାପୁର,୨୮।୩ (ପ୍ରଭାତ ବରାଡ)



ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଗିରି ଗୋବର୍ଦ୍ଧନ ପାହାଡ ଉପରେ ଶନିବାର ଗିରି ଗୋବର୍ଦ୍ଧନ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ପାହାଡ଼ ଉପରେ ସ୍ଥାନୀୟ ବାସିନ୍ଦା ବର୍ଷା ପାଇଁ ଗିରି ଗୋବର୍ଦ୍ଧନ ପୂଜା କରୁଥିଲେ। ୬ ବର୍ଷ ପୂର୍ବେ ଗ୍ରାମର ଚକ୍ରଧର ପ୍ରଧାନଙ୍କୁ ପାହାଡ଼ ଉପରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସ୍ୱପ୍ନାଦେଶ ହୋଇଥିଲା । ଏହା ପରେ ଗାଁ ଲୋକଙ୍କ ସହଯୋଗରେ ପାହାଡ ଉପରେ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ୧ ଲକ୍ଷ ଟଙ୍କାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ପ୍ରଥମେ ଗାଁର ଚକ୍ରଧର ପ୍ରଧାନ ଆରମ୍ଭ କରିଥିବା ବେଳେ, ପରେ ଗାଁ ଲୋକଙ୍କ ସହଯୋଗ ଏବଂ ଉଦ୍ୟମରେ ଆଗେଇ ଚାଲିଲା କାର୍ଯ୍ୟ। ଲୋକଙ୍କ ଦାନ ଦକ୍ଷିଣା ଏବଂ ସ୍ୱେଚ୍ଛାସେବୀଙ୍କ ଆର୍ଥିକ ସହାୟତାରେ ଶ୍ରୀରାମ ସେବା ପରିଷଦ ପକ୍ଷରୁ ପାହାଡ଼ ଉପରେ ମନ୍ଦିର ତୋଳିବା କାମ କରାଗଲା। ପ୍ରାୟ ୩୬ ଏକର ଏହି ସ୍ଥାନରେ ମନ୍ଦିର ନିର୍ମାଣ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୋଇ ୨୦୨୪ ରେ ରାମମନ୍ଦିର ପ୍ରତିଷ୍ଠା ହୋଇଥିଲା। ଗଛମୂଳରେ ଥିବା ପ୍ରଭୁ ଗିରି ଗୋବର୍ଦ୍ଧନ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପରେ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଥିଲା । ହୋମଯଜ୍ଞ ଓ ପୂର୍ଣ୍ଣାହୁତି ସନ୍ଧ୍ୟା ୬ଟା ୩୦ରେ ହୋଇଥିଲା। ହୋମଯଜ୍ଞ କରିଥିଲେ ପଣ୍ଡିତ ଶ୍ରୀନିବାସ ଦାଶ, ଶ୍ରୀକାନ୍ତ ଶତପଥୀ, ଦୁର୍ଯ୍ୟୋଧନ ରଥ, ବାବନ କୁମାର ଦାଶ, ସୁବ୍ରତ କୁମାର ପଣ୍ଡା, ଶୁଶାନ୍ତ କୁମାର କର ଓ ରମେଶ କୁମାର ଦାଶ। ସେହିପରି କର୍ତ୍ତା ଭାବରେ ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଓ କର୍ତ୍ତୀ ଭାବରେ ତାଙ୍କ ସ୍ତ୍ରୀ ପ୍ରେମଲତା ଖୁଣ୍ଟିଆ ସହଯୋଗ କରିଥିଲେ। ଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା ଶ୍ରୀରାମ ପରିଷଦ ତରଫରୁ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ଇଂ. ରମେଶ ଚନ୍ଦ୍ର ବେହେରା,ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ରାଜ୍ୟ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବିପ୍ରକେଶ ସାହୁ, କାର୍ଯ୍ୟକାରୀ ସଭାପତି ରାଜ କିଶୋର ବେହେରା, ସମ୍ପାଦକ ବିପିନ ବିହାରୀ ଦାସ, ଉପସଭାପତି ଗଣେଶ୍ୱର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟର ୪ ଜିଲାର ସଂକୀର୍ତ୍ତନ ମଣ୍ଡଳୀ ଆସିଥିଲେ। କଟକ ଜିଲା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ପ୍ରହ୍ଲାଦ ସାହୁଙ୍କ ସମେତ ସଂକୀର୍ତ୍ତନ ମଣ୍ଡଳୀ, ନୟାଗଡ଼ ଜିଲା ସଭାପତି ସୁବାସ ଚନ୍ଦ୍ର ନାୟକ ସମେତ ସଂକୀର୍ତ୍ତନ ମଣ୍ଡଳୀ, ଗଞ୍ଜାମ ଜିଲା ସଂକୀର୍ତ୍ତନ ସଭାପତି ଅନିରୁଦ୍ଧ ନାୟକ ସମେତ ସଂକୀର୍ତ୍ତନ ମଣ୍ଡଳୀ ଓ ପୁରୀ ଜିଲାର ସଂକୀର୍ତ୍ତନ ସଭାପତି ବିଜୟ କୁମାର ମହାରଣା ସମେତ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠାତା ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସମସ୍ତଙ୍କୁ ଦ୍ୱିତୀୟ ଅଯୋଧ୍ୟା ରାମମନ୍ଦିରର ପ୍ରତିମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଚିଙ୍ଗୁଡ଼ି ଘେରି ଉଚ୍ଛେଦ ବେଳେ ବନ ବିଭାଗ କର୍ମଚାରୀଙ୍କୁ ମାଡ଼

## ତାଳଚୁଆ ସାମୁଦ୍ରିକ ଥାନାରେ ମାମଲା

ରାଜନଗର, ୨୮।୩ (ଭାସ୍କର ରାଉତରାୟ)


ବନ ବିଭାଗ ପକ୍ଷରୁ ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଉଛି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଅଞ୍ଚଳରୁ ଶନିବାର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ବେଳେ ବନ ବିଭାଗ କର୍ମଚାରୀଙ୍କୁ ମାଡ ମରାଯାଇଛି। ଚିଙ୍ଗୁଡି ଘେରି ଭଙ୍ଗା ଯାଉଥିବା ବେଳେ ଫାଇନାନ୍ସର ଓ ବାହାର ଲୋକ ପହଞ୍ଚି ବନ କର୍ମଚାରୀଙ୍କୁ ବିରୋଧ କରିବା ସହ ମାଡ଼ ମାରିଛନ୍ତି। ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡି ଘେରି ଭଙ୍ଗା ଯାଉଥିବାବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ ଆଲୋଡନ ସୃଷ୍ଟି କରିଛି। ଏ ନେଇ ବନବିଭାଗ ପକ୍ଷରୁ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି।

ବେଆଇନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ବନ ବିଭାଗ ଟିମ୍ ଗୋପାଳଜୀଉ ପାଟଣାରେ ପହଞ୍ଚିଥିଲା। ପ୍ରଥମ ଘେରି ଭାଙ୍ଗି ସାରି ଦ୍ୱିତୀୟ ଘେରି ଭାଙ୍ଗିବା ବେଳକୁ ହଠାତ୍ ଘେରି ମାଲିକ, ଫାଇନାନ୍ସର ଓ କେତେଜଣ ବାହାର ଲୋକ ପହଞ୍ଚି ଘେରି ଭାଙ୍ଗି ପାରିବ ନାହିଁ ବୋଲି କହିଥିଲେ। ବନ କର୍ମଚାରୀ ଘେରି ଭାଙ୍ଗିବା କାର୍ଯ୍ୟ ଜାରି ରଖିବାରୁ ଘେରି ମାଲିକ, ଫାଇନାନ୍ସର ଘେରି ଯାଇ ବନ କର୍ମଚାରୀ ଅର୍ଜୁନ ଦଳେଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶମ୍ଭୁନାଥ ମଣ୍ଡଳ, ଜୟଦେବ ଜେନା, ଦିଲୀପ କୁମାର ପଣ୍ଡା, ଶାନ୍ତନୁ ପାହାଡି ଘେରିଯାଇ ଏହି ଆଦିବାସୀ ବନ କର୍ମଚାରୀଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରିବା ସହ ବିଧା, ଗୋଇଠା, ଚାପୁଡା, ତଣ୍ଟିଆ ମାରିବା ସହିତ ଜାତି ନେଇ ଗାଳିଗୁଲଜ କରିଥିଲେ। ଆକ୍ରମଣରେ ଆହତ ବନ କର୍ମଚାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ବନ କର୍ମଚାରୀ ଦଳେଇ, ଫରେଷ୍ଟ ଗାର୍ଡ ସତୀଶ ଲାକ୍ରା ଓ ଏସିଏଫ୍ ମାନସ କୁମାର ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ପଚାରିବାରୁ ବିଏନ୍ଏସ୍ ଦଫା ୨୯୬, ୧୨୧ , ୧୧୫ (୨ ), ୧୩୨, ୩୫୧ (୩), ୩ (୫), ଆରଡବ୍ଲୁ ସେକ୍ସନ ୩ (୧)(ଆର)(ଏସ) ୩ (୨) (ଭିଏ) ଏସି,ଏସ୍ଟି ଆକ୍ଟ ଏ ରେ ନଂ. ୬୧ / ୨୬ରେ ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡି ଘେରି ପାଇଁ ନଷ୍ଟ ହେଉଛି। ସିଆର୍‌ଜେଡ୍ ଆଇନ ଅନୁସାରେ, ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡି ଘେରି ରହିପାରିବ ନାହିଁ। ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଗତ ୨୦ ତାରିଖରେ ୧୨ ଜଣଙ୍କ ୨୦ଟି ଘେରି ଓ ୨୪ ତାରିଖରେ ୧୧ ଜଣଙ୍କର ୨୧ଟି ଚିଙ୍ଗୁଡି ଘେରି ବନ ବିଭାଗ ଉଚ୍ଛେଦ କରିଥିଲା। ୨୫ ତାରିଖରେ ପଙ୍କାପାରିଆରେ ବନ ବିଭାଗ ଟିମ୍ ଘେରି ଭାଙ୍ଗିବାକୁ ପହଞ୍ଚିବା ପରେ ମହିଳା ଓ ଚିଙ୍ଗୁଡି ଘେରି ମାଲିକ ବିରୋଧ କରିଥିଲେ।

# ସ୍ଲରି ପାଇପ୍ ବିଛାଇବା ନାଁରେ ମୋରମ ଲୁଟ୍ ଅଭିଯୋଗ


ସ୍ଲରି ପାଇପ୍ ବିଛା କାର୍ଯ୍ୟ ଚାଲିଛି।



ବନ ବିଭାଗ ଜବତ କରିଥିବା ହାଇୱା।

ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି), ୨୮।୩

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଲୁହାପଥର ପରିବହନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପ ଷ୍ଟିଲ ପ୍ଲାଣ୍ଟକୁ ସ୍ଲରି ପାଇପ୍‌ଲାଇନ୍ ବିଛା କାର୍ଯ୍ୟ ଚଳାଇଛି। ଏଥିରେ ଚାଷୀଙ୍କ ଜମି ଆଇନ ଅନୁସାରେ ଅଧିଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଠକି ଜବରଦସ୍ତ ଜମି ଅକ୍ତିଆରକରି ପାଇପ୍ ବିଛା ଚାଲିଥିବାରୁ ସମ୍ପୃକ୍ତ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେତେଜଣ ଜମି ମାଲିକଙ୍କୁ ଆବଶ୍ୟକ କ୍ଷତିପୂରଣ ବଦଳରେ ନାମକୁ ମାତ୍ର ୨ରୁ ୫ ହଜାର ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଏହାକୁ ଚାଷୀମାନେ ବିରୋଧ କଲେ ସ୍ଥାନୀୟ ଦଲାଲ ଓ କେତେଜଣ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଚାଷୀମାନଙ୍କୁ ଧମକ ଦେଉଛନ୍ତି। ଏନେଇ ଅଭିଯୋଗ କଲେ ବି ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଖାଲି ସେତିକି ନୁହେଁ,

## ସ୍ଥାନୀୟ୍ ଲୋକଙ୍କ ବିରୋଧ, ହାଇୱା ଜବତ କଲା ବନ ବିଭାଗ

ବ୍ୟାସନଗର ତହସିଲ ଅଧୀନ ରଗଡ଼ି ମୌଜା ଜଙ୍ଗଲ ଜମିରୁ ବ୍ୟାପକ ମୋରମ୍ ଲୁଟ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ସ୍ଲରି ପାଇପ୍ ଲାଇନ୍ ପାଇଁ ଖନନ ହେଉଥିବା ଗର୍ତ୍ତରୁ ବାହାରୁଥିବା ମୋରମ ସେହି ସ୍ଥାନରେ ପୋତାଯିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କମ୍ପାନୀ ପକ୍ଷରୁ ପୋକ୍‌ଲିନ୍ ମେଶିନରେ ଲୋଡିଂ କରି ହାଇୱାରେ ଅନ୍ୟତ୍ର ନିଆଯାଉଛି। ରଗଡି ଅଞ୍ଚଳରେ ଗତ ୧୦ ଦିନ ହେବ ଏହି କାରବାର ଚାଲି ଆସୁଥିବାବେଳେ ଗୁରୁବାର ଏହାକୁ ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତରାୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପ୍ରବଳ ବିରୋଧ କରିଛନ୍ତି। ଘଟଣାସ୍ଥଳରେ ଯାଜପୁର ରୋଡ୍ ଫରେଷ୍ଟ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର କୁମାର ପ୍ରଧାନ ପହଞ୍ଚି ଓଡି୦୯ପି୫୭୧୪ ନମ୍ବର ବିଶିଷ୍ଟ ଏକ ମୋରମ୍ ବୋଝେଇ ହାଇୱା ଜବତ କରିଛନ୍ତି। ପୋକ୍‌ଲିନ୍ ଡ୍ରାଇଭର ଖସି ପଳାଇବାରୁ ଗାଡିକୁ ବନ ବିଭାଗ କର୍ମଚାରୀମାନେ ଜଗି ରହିଥିବା ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ନାବାଳିକା ସନ୍ତାନ ଜନ୍ମଦେବା ଘଟଣାରେ ଆଉ ଜଣେ ଗିରଫ

ବ୍ୟାସନଗର, ୨୮।୩ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହର କୋପଣ୍ଡ ଗ୍ରାମରେ ଭଡ଼ାଘରେ ରହୁଥିବା ଜଣେ ୧୭ ବର୍ଷୀୟ ନାବାଳିକା ଏକ ଘରୋଇ ଡାକ୍ତରଖାନାରେ କନ୍ୟା ସନ୍ତାନ ଜନ୍ମ ଦେବା ଘଟଣାରେ ଶନିବାର ଯାଜପୁରରୋଡ୍ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହେଲେ କୋପଣ୍ଡ ଗ୍ରାମର ଧଡ୍ଡୁ ଦାସ (୩୬)। ଏଥିସହିତ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ କାବୁ କରି ଅନୁଗୋଳ ସ୍ଥିତ ସୁଧାର ଗୃହକୁ ପଠାଇଛି। ଏହି ଘଟଣାରେ ଫେବୃଆରୀ ୧୫ରେ ୭୦ ବର୍ଷୀୟ ପଦ୍ମନାଭ ଶତପଥୀ ଓ ହସ୍ପିଟାଲର ମାଲିକ ଗିରଫ ହୋଇଥିଲେ। ନାବାଳିକାଙ୍କ ସନ୍ତାନର ପିତା କିଏ ବୋଲି ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପୋଲିସ ହସ୍ପିଟାଲରେ ପିଲା ଜନ୍ମ କରାଇଥିବା ଡାକ୍ତରଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏହି ଘଟଣାରେ ଆଉକିଏ ସମ୍ପୃକ୍ତ ଅଛନ୍ତି କି ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ବର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଦେବେନ୍ଦ୍ର


@ ଦିଲ୍ଲୀପ


@ ଓଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରନ୍ତୁ

ଭୁବନେଶ୍ୱର, ୨୮।୩ (ସୁଚିସ୍ମିତା ସାହୁ): କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦନ ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲ ଓ ଡିଜେଲ ଶସ୍ତା ହେବାର ସମ୍ଭାବନା ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କୁ ଅନୁସରଣ କରି ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଉପରୁ ଭାଟ୍ କମାଇବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଓଡ଼ିଶାରେ ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୨୮% ଓ ୨୪% ଭାଟ ରହିଛି। ଏହାକୁ ୧୦%କୁ କମାଇ ଗ୍ରାହକଙ୍କୁ ଲାଭ ଦେବାକୁ ପରିଷଦର ଆବାହକ ରବି ବେହେରା କହିଛନ୍ତି। ଦରକୁ ନିୟନ୍ତ୍ରଣ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ବେହେରା ଦାବି କରିଛନ୍ତି।

## ଗଡ଼ଗଡ଼ି ସେତୁ ନିକଟରେ ଗର୍ତ୍ତ ଦୁର୍ଘଟଣା ଆଶଙ୍କାରେ ବାଉଁଶ ପୋତିଲେ ସ୍ଥାନୀୟ ଲୋକ



ଆଳି, ୨୮।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି-ରାଜକନିକାକୁ ସଂଯୋଗ କରୁଥିବା ଗଡ଼ଗଡି ସେତୁ ନିକଟରେ ଏକ ପାଞ୍ଚ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ସୃଷ୍ଟି ହୋଇଥିବା ଏହି ଗର୍ତ୍ତରେ ଦୁର୍ଘଟଣା ଘଟିବା ଆଶଙ୍କା ଥିବାରୁ ସ୍ଥାନୀୟ ଲୋକ ସେହି ଗର୍ତ୍ତରେ ବାଉଁଶ ଓ ଗଛ ପୂରାଇ ଗାଡି ଚାଳକମାନଙ୍କୁ ସୂଚନା ଦେଇଛନ୍ତି। ହେଲେ ପୂର୍ତ୍ତ ବିଭାଗ ଏହାକୁ ମରାମତି ନିମନ୍ତେ ପଦକ୍ଷେପ ନେଉନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନା ଅନୁଯାୟୀ ଆଳି-ବାଲକାଟୀ ନିକଟରେ ପ୍ରବାହିତ ଖରସ୍ରୋତା ନଦୀ ଉପରେ ଗଡ଼ଗଡି ସେତୁ ନିର୍ମାଣ ହୋଇଛି। ଏହି ସେତୁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ପ୍ରାୟ ୫ ଫୁଟ ଗଭୀରର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ପ୍ରତିଦିନ ବହୁ ବାଇକ୍, ବସ୍, କାର୍, ମାଲ୍ ବୋଝେଇ ଗାଡ଼ି ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ମଧ୍ୟ ଯାତାୟାତ କରିଥାନ୍ତି। ଦୈନିକ ବହୁ ଭାରିଯାନ ଏହି ରାସ୍ତା ଦେଇ ଅତିକ୍ରମ କରୁଥିବା ବେଳେ କେତେବେଳେ ଯେ ଦୁର୍ଘଟଣା ଘଟିବ କହି ହେବନାହିଁ। ତୁରନ୍ତ ଏହି ଗର୍ତ୍ତ ମରାମତି ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚେକିଂ: ୩୪ ଗାଡ଼ିକୁ ୫୪ ହଜାର ଜରିମାନା


କେନ୍ଦ୍ରାପଡ଼ାରେ ଗାଡ଼ି ଚେକିଂ କରାଯାଉଛି।

କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନରେ ଗାଡି ଚେକିଂ ଚାଲିଛି। ଏହିକ୍ରମରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଗାଡି ଚେକିଂ ହୋଇଥିଲା। ଏଥିରେ ୩୪ଗାଡିକୁ ତନଖି ସମୟରେ ଅନିୟମିତତା ଦର୍ଶାଇ ୫୪ ହଜାର ଟଙ୍କା ଜରିମାନା ପାଇଁ ଚାଲାଣ ହୋଇଛି। ଏ ସମ୍ପର୍କରେ ଏମ୍‌ଭିଆଇ କାଜଲ ପ୍ରଧାନଙ୍କୁ ପଚାରିବାରେ କେନ୍ଦ୍ରାପଡ଼ା ଇନ୍ଦୁପୁର ରାସ୍ତାର ବାରିମୂଳ, କଟକ ଚାନ୍ଦବାଲି ରାଜ୍ୟ ରାଜପଥର ଅନୁଆପଡା ଓ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଅଳାବାଙ୍କ ଛକଠାରେ ଏହି ଚେକିଂ ଚାଲିଥିଲା। ହେଲ୍‌ମେଟ ପିନ୍ଧି ନ ଥିବା ୨୬ ଗାଡ଼ି ଚାଳକ, ସିଟ୍ ବେଲ୍ଟ ବାନ୍ଧି ନ ଥିବା ୭ଟି ୪ ଚକିଆ ଗାଡି ଚାଳକ, ମାଲବୁହା ଗାଡିରେ ଯାତ୍ରୀ ପରିବହନ କରୁଥିବା ୨ଟି ଗାଡି, ଦୁଇଚକିଆ ଯାନରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଥିବା ୬ ଗାଡି, ଗାଡିଚାଳନା ସମୟରେ ମୋବାଇଲରେ କଥା ହେଉଥିବା ୪ ଗାଡି ଚାଳକ ଯାଞ୍ଚ ସମୟରେ ଧରାପଡିଥିଲେ। ଏଥିମଧ୍ୟରୁ ୩୪ଟି ଗାଡିରେ ଚାଲାଣ ହୋଇଥିବାବେଳେ ଅନ୍ୟମାନଙ୍କୁ ଗାଡିଚାଳନା ନେଇ ସଚେତନ କରାଯାଇଥିଲା। ଏହି ଚେକିଂ ସମୟରେ ଜୁନିଅର ଏମ୍‌ଭିଆଇ ଶ୍ରୀକାନ୍ତ ଟୁଡୁ, ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ଅଲୋଡ଼ା ହୋଇଛନ୍ତି ଆଦିନେତା ବିଚିତ୍ରାନନ୍ଦ ଦାସ

ଯାଜପୁର, ୨୮।୩ (ହର୍ଷବର୍ଦ୍ଧନ ବେହେରା)




ଓଡ଼ିଆ ଭାଷାର ସୁରକ୍ଷା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆଦିନେତା ବିଚିତ୍ରାନନ୍ଦ ଦାସ ଆଜି ଅଲୋଡ଼ା ହୋଇଛନ୍ତି। ସରକାରଙ୍କ ପକ୍ଷରୁ ମଧ୍ୟ ଏଯାଏ ଆଦିନେତା ବିଚିତ୍ରାନନ୍ଦଙ୍କୁ ମନେ ପକାଇବାକୁ କୌଣସି ପ୍ରଚେଷ୍ଟା ନାହିଁ। ସେ ଯାଜପୁର ଜିଲାର କଣ୍ଟାବଣିଆ ଗ୍ରାମରେ ୧୮୨୭ରେ ଜନ୍ମଗ୍ରହଣ କରିଥିଲେ। ଥୋମାସ୍ ଏଡୱାର୍ଡ୍ ରେଭେନ୍‌ଶାଙ୍କ ସିରସ୍ତାରେ ସେ କାମ କରୁଥିବାବେଳେ ପ୍ରଥମେ ରେଭେନ୍‌ଶା କଲେଜ ଓ ବହୁ ଓଡ଼ିଆ ସ୍କୁଲ ସ୍ଥାପନ କରିବା ସହ ଓଡ଼ିଆ ପାଠ୍ୟପୁସ୍ତକ ପ୍ରଣୟନ କରିଥିଲେ। ନଚେତ୍ ଆଜି ଓଡ଼ିଆ ଭାଷା ବଙ୍ଗଳା ଭାଷାରେ ବିଲୁପ୍ତ ହୋଇଥାଆନ୍ତା ବୋଲି ମତପ୍ରକାଶ ପାଇଛି। ୧୮୪୪ ବେଳକୁ ସେ ବାଲେଶ୍ୱରରୁ ଇଂଲିଶ୍ ଶିକ୍ଷା ପାଇ କଟକ ଫୌଜଦାରି କୋର୍ଟରେ ମୋହରିର ଭାବେ କାର୍ଯ୍ୟ କରୁଥିଲେ। ତତ୍କାଳୀନ ରେଭେନ୍‌ଶା ସାହେବ ତାଙ୍କୁ ତାଙ୍କର ବିଚକ୍ଷଣ ବୁଦ୍ଧି ଓ ଦକ୍ଷତା ଯୋଗୁ ନିଜ ଦପ୍ତରରେ ସିରସ୍ତାଦାର ଭାବେ ନିଯୁକ୍ତି ଦେଇଥିଲେ। ସେତେବେଳେ ପ୍ରାଚୀନ ଓଡ଼ିଶା ବିଭକ୍ତ ହୋଇ ସଙ୍କୁଚିତ ଅବସ୍ଥାରେ ଥିଲା। ୧୫୬୮ରେ ମୁକୁନ୍ଦଦେବଙ୍କ ପରେ ବଙ୍ଗଳାର ଆଫଗାନ ଶାସକ ସୁଲେମାନ କରାନୀ ଓଡ଼ିଶାକୁ ଦଖଲ କରି ବଙ୍ଗ ପ୍ରଦେଶ ଅଧୀନରେ ରଖିନେଲେ। ଏହାପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୮୦୩ରେ ଓଡ଼ିଶାକୁ ନିଜ ଦଖଲକୁ ନେବାପରେ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା। ସେତେବେଳେ ଓଡ଼ିଶାରେ ପ୍ରାୟତଃ ଶିକ୍ଷା ବ୍ୟବସ୍ଥା ନ ଥିଲା। ୧୮୫୯ ବେଳକୁ ଓଡ଼ିଶାରେ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମ ଯୋଗୁ ୬୩ଟି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମରିଥିଲେ। ସେତେବେଳେ ବିଚିତ୍ରାନନ୍ଦ ଓଡ଼ିଶାରେ ପ୍ରଥମ କେନାଲ ଖୋଳା ଆରମ୍ଭ କରିଥିଲେ। ଏପରି ଭାବେ ସେ ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ଜାତି ଓ ଭାଷାକୁ ବଞ୍ଚାଇବାରେ ସଫଳତା ପାଇଥିଲେ। ପରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସେ ମଧୁବାବୁ, ବ୍ରଜସୁନ୍ଦର ଦାସ ଓ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମର ବିଜ ବପନ କରିଥିଲେ ବୋଲି ଏବେ ଆମେ ଓଡ଼ିଆ ଭାବେ ଗର୍ବ କରୁଛେଁ। ଏଭଳି ମହାପୁରୁଷଙ୍କ ସ୍ମୃତି ରକ୍ଷା ଲାଗି ସରକାର, ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ପକ୍ଷରୁ ଏଯାଏ କୌଣସି ସ୍ଥାନରେ ପ୍ରତିମୂର୍ତ୍ତିଟିଏ ସ୍ଥାପନ ହୋଇପାରିଲା ନାହିଁ। ଏହିକ୍ରମରେ ଅଖିଳଚକ୍ର ନାମକ ସ୍ୱେଚ୍ଛାସେବୀ ସାରସ୍ୱତ ସଂଗଠନ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଶ୍ରୀରାମ ନବମୀରେ ବିଞ୍ଝାରପୁର ଅନ୍ତର୍ଗତ ଶାସନ୍ଦା ଗ୍ରାମର ବଟ ମହାପୁରୁଷ ମଠଠାରେ ଭୂମିପୂଜନ କରିଛି। ଏହି ପ୍ରତିମୂର୍ତ୍ତିକୁ ଏପ୍ରିଲ ୧ ଓଡ଼ିଶା ଦିବସରେ ଅନାବରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି।

## ଓଡ଼ିଶା ଦିବସରେ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ

# ଖଣି ବ୍ଲାଷ୍ଟିଂ, କଳାମୁଗୁନି ପଥର ଚୋରାଚାଲାଣ: ମହିଳାଙ୍କ ରାସ୍ତାରୋକୋ

ରଣପୁର ୨୮।୩ ( ସୁକାନ୍ତ କିଶୋର ଡାକୁଆ)


ରାସ୍ତାରୋକୋ କରିଥିବା ମହିଳାମାନେ ।

ରଣପୁର ତହସିଲ ଅନ୍ତର୍ଗତ ସୁନାଖେଳା ଓ ଛପରି କୋଇଲାମା ଅଞ୍ଚଳରେ ବେଧଡକ ଭାବେ ଖଣି ବ୍ଲାଷ୍ଟିଂ ସହ କଳାମୁଗୁନି ପଥର ଚୋରାଚାଲାଣ ଓ ରାସ୍ତା କଡରେ କ୍ରଶର ଚାଲିବାକୁ ନେଇ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ଯାହାର ଉଗ୍ରରୂପ ଶନିବାର ଦେଖିବାକୁ ମିଳିଛି। ବେଆଇନ ଖଣି ବାଷ୍ଟିଂକୁ ବିରୋଧ କରି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବର ପାଇ ଘଟଣାସ୍ଥଳକୁ ରଣପୁର ତହସିଲଦାର, ଥାନା ଅଧିକାରୀ ଓ ଖଣି ବିଭାଗ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ମହିଳା ଓ ଲୋକଙ୍କୁ ବୁଝାଶୁଝା କରିବା ସହିତ ଲିଖିତ ଦେବା ପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟି ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ନୟାଗଡ଼ ଜିଲା ଖଣି ବିଭାଗ ଅଧୀନରେ ଥିବା ରଣପୁର ତହସିଲର ଲୋଧାଚୁଆ ଓ ସୁନାଖେଳା ଆର୍‌ଆଇ ସର୍କଲରେ ଦୀର୍ଘ ବର୍ଷ ହେବ ବେଆଇନ ଭାବେ କଳା ମୁଗୁନି ପଥର ଖଣି ଖନନ ସହିତ କ୍ରଶର ଚାଲୁଥିବା କୋଇଲିମା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। କିନ୍ତୁ ପ୍ରଶାସନ ଓ ଖଣି ବିଭାଗ ଶୁଣୁ ନ ଥିବା ଲୋକେ କହିଛନ୍ତି। ଫଳରେ ବେଆଇନ ବାଷ୍ଟିଂ ପାଇଁ ଲୋକଙ୍କର ଘର ଫାଟୁଥିବା ସହ ପଥର ଖଣ୍ଡ ଉପରେ ପଡି ଆହତ ହେଉଥିବା ଅଭିଯୋଗ କରି ଶନିବାର ସକାଳ ୭ ଟାରୁ କୋଇଲିମା ଗ୍ରାମବାସୀ ସୁନାଖେଳା –ରଣପୁର ରାସ୍ତା ଅବରୋଧ କରିଥିଲେ। ଯାହାର ପ୍ରତିବାଦରେ ଆଞ୍ଚଳିକ ଜଙ୍ଗଲ ଓ କ୍ରିୟାନୁଷ୍ଠାନ କମିଟି ତରଫରୁ ଗତ ୩ ମାସ ତଳେ ରଣପୁର ବ୍ଲକ ପରିସରରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯେଉଁଥିରେ ୩୧ଡିସେମ୍ବର ୨୦୨୫ସୁଦ୍ଧା ପ୍ରତିକାର ବ୍ୟବସ୍ଥା କରା ନ ଗଲେ ୨୦୨୬ ଜାନୁୟାରୀ ୧୫ ମଧ୍ୟରେ ଅଞ୍ଚଳବାସୀଙ୍କ ତରଫରୁ ରାଜରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦିଆଯାଇଥିଲା। ବେଆଇନ କଳାମୁଗୁନି ଖଣି ବ୍ଲାଷ୍ଟିଂ ଫଳରେ ଆଖପାଖ ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଶବ୍ଦ ପ୍ରଦୂଷଣ ହେବାସହ ପ୍ରତିଦିନ କୃତ୍ରିମ ଭୂମିକମ୍ପ ସୃଷ୍ଟି ହେଉଛି । ଫଳରେ ଲୋକମାନେ ଭୟଭୀତ ହେବାସହ ଆଖପାଖ ଅଞ୍ଚଳର ଘରଗୁଡିକ କମ୍ପନ ହୋଇ ଦୁର୍ବଳ ହେବାସହ କାନ୍ଥ ବାଡ଼ରେ ଫାଟ ସୃଷ୍ଟି ହେଉଛି।

ଏପରିକି ଏହି ଅଞ୍ଚଳରେ ପରିବେଶ ନଷ୍ଟ ହେବାସହ ଜଙ୍ଗଲରେ ବାସ କରୁଥିବା ବନ୍ୟଜନ୍ତୁ ଭୟଭୀତ ହୋଇ ଜନବସତି ମୁହାଁ ହେଉଛନ୍ତି। ଏହି ବେଆଇନ ବ୍ଲାଷ୍ଟିଂର ପ୍ରତିବାଦ କରି ଗତ ୪ ବର୍ଷ ତଳେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଏହି କାର୍ଯ୍ୟକୁ ବନ୍ଦ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଲକ୍ଷାଧିକ ଟଙ୍କାର ବିସ୍ଫୋରକ ସହ ଯନ୍ତ୍ରାଂଶ ଓ କେତୋଟି ଟ୍ରାକ୍ଟର ମଧ୍ୟ ଜବତ ହୋଇଥିଲା। ପୁନର୍ବାର ଏହି ବେଆଇନ ବ୍ଲାଷ୍ଟିଂ ଚାଲିବା ସହ ପ୍ରତିଦିନ ବହୁ ସଂଖ୍ୟାରେ ହାଇୱାରେ କଳାମୁଗୁନି ପଥର ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ଫଳରେ ରାସ୍ତାଘାଟ ନଷ୍ଟ ହେବା ସହ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି। ଯାହାକୁ ନେଇ ଅଞ୍ଚଳବାସୀ ଦୀର୍ଘ ଦିନରୁ ଅତିଷ୍ଠ ହୋଇ ଜିଲାପାଳଙ୍କ ଜନଶୁଣାଣିରେ ଦାବିପତ୍ର ପ୍ରଦାନ କରିବା ସହ ଚେତାବନୀ ଦେଇଥିଲେ। ୫ ଦଫା ସମ୍ବଳିତ ଦାବିପତ୍ରରେ ଛପରି କୋଇଲମା ମୌଜାରେ ବେଆଇନ ଖଣି ଓ ଡିନାମାଇଟ ବ୍ଲାଷ୍ଟିଂ ସବୁଦିନ ପାଇଁ ବନ୍ଦ କରାଯିବା ଏହି ମୌଜାରେ ଚାଲିଥିବା ବେଆଇନ କ୍ରଶର ବନ୍ଦ କରାଯିବା,ଏହି ବେଆଇନ କାର୍ଯ୍ୟରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରିବା, ପରିବେଶ ସୁରକ୍ଷା ନିମନ୍ତେ ଗ୍ରାମବାସୀଙ୍କୁ ଚାରାରୋପଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବା, ଏହି ମୌଜାରେ ଥିବା ସମସ୍ତ ସଂରକ୍ଷିତ ଓ ଅଣସଂରକ୍ଷିତ ସରକାରୀ ଭୂମିକୁ ଜବରଦଖଲ ଉଚ୍ଛେଦ କରାଯିବା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା । ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଆରକ୍ଷୀ ଅଧୀକ୍ଷକ ନୟାଗଡ଼, ଭିଜିଲାନ୍ସ ଡିଏସ୍‌ପି ନୟାଗଡ, ଖଣି ଅଧିକାରୀ ନୟାଗଡ଼, ତହସିଲଦାର ରଣପୁର ଓ ରଣପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ କିଛିଦିନ ତଳେ କ୍ରିୟାନୁଷ୍ଠାନ କମିଟି ତରଫରୁ ଏହାର ପ୍ରତିବାଦରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଡକାଯାଇଥିବା ବେଳେ ଏହି କାର୍ଯ୍ୟକୁ ପରୋକ୍ଷରେ ସମର୍ଥନ କରୁଥିବା କେତେଜଣ ବ୍ୟକ୍ତି ସେମାନଙ୍କ ସମର୍ଥକଙ୍କ ଜରିଆରେ କଳହ ସୃଷ୍ଟିକରି ଆଲୋଚନକୁ ଭଣ୍ଡୁର କରି ଦେଇଥିଲେ ।

ରଣପୁର ତହସିଲଦାର, ଡିଏସ୍‌ପି ନୟାଗଡ଼, ରଣପୁର ଥାନା ଅଧିକାରୀ ଓ ଖଣି ବିଭାଗ ସହକାରୀ ଅଧିକାରୀ ରାସ୍ତାରୋକୋ ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଛପରି କୋଇଲମାରେ ହେଉଥିବା ବ୍ଲାଷ୍ଟିଂକୁ ପ୍ରଶାସନ ତରଫରୁ ବନ୍ଦ କରାଯିବା ନେଇ ପ୍ରତିଶ୍ରୁତି ଲିଖିତ ଆକାରରେ ମିଳିବା ପରେ ରାସ୍ତାରୋକୋ ହଟିଥିଲା ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦ୍ରଶେଖର


@ ଦେବେନ୍ଦ୍ର


@ ଦିଲ୍ଲୀପ


@ ଓଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାର୍ ଆସୋସିଏଶନ ନିର୍ବାଚନ

## ନୟାଗଡ଼ ଜିଲା: ରଣଜିତ ସଭାପତି, ସ୍ୱଦେଶ ସମ୍ପାଦକ

ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)


ରଞ୍ଜିତ ଦାଶ


ସ୍ୱଦେଶ ମିଶ୍ର

ନୟାଗଡ଼ ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ରଣଜିତ ଦାଶ ଓ ସମ୍ପାଦକ ସ୍ୱଦେଶ ମିଶ୍ର ନିର୍ବାଚିତ ହୋଇଛନ୍ତି। ରଣଜିତ ଓକିଲ ସଂଘର ପୂର୍ବରୁ ୭ଥର ସମ୍ପାଦକ ଥିବାବେଳେ ୩ୟ ଥର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ପୁଣି ଜିଲା କଂଗ୍ରେସ ସଭାପତି ଭାବେ କାମ କରୁଛନ୍ତି। ସଭାପତି ନିର୍ବାଚନରେ ରଣଜିତ୍ ୧୭୯ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ କାଳୁ ଚରଣ ସ୍ୱାଇଁ ୭୨ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ସ୍ୱଦେଶ ମିଶ୍ର ୧୮୧ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଆଶୁତୋଷ ସାମନ୍ତରାୟ ୭୧ ଖଣ୍ଡ ଭୋଟ ପାଇଥିଲେ । ସ୍ୱଦେଶ ୪ର୍ଥ ଥର ସମ୍ପାଦକ ଭାବେ ନିର୍ବାଚିତ ହେଲେ । ସେହିପରି ଉପ ସଭାପତି ପ୍ରସନ୍ନ କୁମାର ପଢ଼ିଆରୀ, ଯୁଗ୍ମ ସମ୍ପାଦକ ପଦବୀରେ ନିରଞ୍ଜନ ମିଶ୍ର ଓ କୋଷାଧ୍ୟକ୍ଷରେ ବିଭୁଦତ୍ତ ସାହୁ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷେ ନିରାକାର ମହଲ, ଚିତ୍ତ ରଞ୍ଜନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ମମତା ନାୟକ, ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ, ସୁନିଲ କୁମାର ମହାପାତ୍ର ପ୍ରମୁଖ ୬ ଜଣ ପରିଚାଳନା ପରିଷଦ ପାଇଁ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ରମେଶ ଚନ୍ଦ୍ର ମିଶ୍ର ଓ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ କିଶୋର ଚନ୍ଦ୍ର ଶତପଥି(ଖ), ବିଶ୍ୱଜିତ୍ ଆଚାର୍ଯ୍ୟ ଓ ଅକ୍ଷୟ କୁମାର ପରିଡା ନିର୍ବାଚନ ପରିଚାଳନା କରିଥିଲେ।

## ଖଣ୍ଡପଡ଼ା: ସଂଗ୍ରାମ ସଭାପତି, ବିକ୍ରମ ସମ୍ପାଦକ


ସଂଗ୍ରାମ କେଶରୀ ମିଶ୍ର,


ବିକ୍ରମ କେଶରୀ ଦେଓ

ଖଣ୍ଡପଡ଼ା,୨୮।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବାର ଆସୋସିଏଶନ ୨୦୨୬–୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ଶନିବାର ବାର ଆସୋସିଏଶନ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାର୍ ସଭାପତି ଭାବେ ୪ର୍ଥ ଥର ପାଇଁ ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର ଓ ସମ୍ପାଦକ ଭାବେ ବିକ୍ରମ କେଶରୀ ଦେଓ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଗିରିଜା ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଧନେଶ୍ୱର ମହାନ୍ତି, କୋଷାଧକ୍ଷ ମନୋଜ କୁମାର ମିଶ୍ର ଓ ପରିଚାଳନା କମିଟି (ଏକ୍‌ଜିକ୍ୟୁଟିଭ ମେମ୍ବର) ସଦସ୍ୟ ଭାବେ ସିଦ୍ଧାର୍ଥ ଶଙ୍କର ରାୟ ଓ ଯୁଧିଷ୍ଠିର ସାହୁ ପ୍ରମୁଖ ମନୋନୀତ ହୋଇଥିବା ଜଣାଯାଇଛି। ରାଜ୍ୟ ଅଧିବକ୍ତା ପରିଷଦ ଦ୍ୱାରା ନିଯୁକ୍ତ ନିର୍ବାଚନ ଅଧିକାରୀ ଭାବେ ବାବୁଲି ଚରଣ ସାହୁ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ଖଣ୍ଡପଡ଼ା ଓକିଲ ସଂଘ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଏପ୍ରିଲ ୨୦୨୬ରୁ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ୧ ବର୍ଷ ପାଇଁ ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ, ବିଜ୍ଞପ୍ତି ଅନୁଯାୟୀ ଖଣ୍ଡପଡ଼ା ଅଧିବକ୍ତା ସଂଘ ନିର୍ବାଚନ ପାଇଁ ଚଳିତ ମାର୍ଚ୍ଚ ୧୦ ସୁଦ୍ଧା ସମସ୍ତ ୭ ଗୋଟି ପଦବୀ ପାଇଁ ଗୋଟିଏ ଲେଖାଏ ନାମାଙ୍କନପତ୍ର ଦାଖଲ ହୋଇ କାଏମ ରହିଥିଲା । ତେଣୁ ଶନିବାର ମତଦାନ ହେବାର ଆବଶ୍ୟକତା ନ ଥିଲା। କେବଳ ଔପଚାରିକତା ଦୃଷ୍ଟିରୁ ଫଳାଫଳ ଘୋଷଣା କରାଯାଇଥିଲା ।

## ଜାତୀୟ ଆର୍ବିଟର ପରୀକ୍ଷାରେ ନୟାଗଡ଼ ଜିଲାରୁ ୩ କୃତକାର୍ଯ୍ୟ

ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)


ବାଲାରସେନ ପାତ୍ର


ଲକ୍ଷ୍ମୀଧର ସାହୁ


ରିତେଶ ରଥ

ଚେସ୍ ଖେଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସର୍ବଭାରତୀୟ ଚେସ୍ ଫେଡେରେଶନ ନୂଆଦିଲ୍ଲୀ ଦ୍ୱାରା ଅନୁଷ୍ଠିତ ଜାତୀୟ ଆର୍ବିଟର ପରୀକ୍ଷାରେ ନୟାଗଡ଼ ଜିଲାରୁ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଜିଲା ଚେସ୍ ଆସୋସିଏଶନ ଉପ ସଭାପତି ବାଲାରସେନ ପାତ୍ର, ସମ୍ପାଦକ ଲକ୍ଷ୍ମୀଧର ସାହୁ ଓ ରାଜ୍ୟ ଚେସ୍ ଆସୋସିଏଶନ ସଦସ୍ୟ ରିତେଶ ରଥ । ଏମାନେ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

ପ୍ରକାଶ ଯେ, ଆର୍ବିଟରମାନେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଚେସ୍ ମ୍ୟାଚଗୁଡ଼ିକୁ ପରିଚାଳନା କରିଥାନ୍ତି। ଗତ ଜାନୁଆରୀ ୧୮ରେ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଆର୍ବିଟର ପରୀକ୍ଷାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୫୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କେରଳରୁ ଦେଇଥିବା ୩ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି। ଚଳିତ ଥର ଓଡ଼ିଶାରୁ ସର୍ବାଧିକ ୧୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ରାଜ୍ୟରେ ସର୍ବମୋଟ ଆର୍ବିଟର ସଂଖ୍ୟା ୬୬ ରେ ପହଞ୍ଚିଛି। ତେବେ ପୂର୍ବରୁ ନୟାଗଡ଼ ଜିଲାରେ ଆଦୌ ଆର୍ବିଟର ନ ଥିବା ବେଳେ ପ୍ରଥମ ଥର ପାଇଁ ୩ ଜଣ ଆର୍ବିଟର ସୃଷ୍ଟି ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଥିବା ବେଳେ ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ, ଜିଲା ଚେସ୍ ଆସୋସିଏଶନ ସଭାପତି ଭାଗୀରଥି ଦାସ, କୋଷାଧ୍ୟକ୍ଷ ତାରୁନ ଖାଁ, ସହ ସମ୍ପାଦକ ଉମାକାନ୍ତ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମନ୍ଦିର ପରିସରସ୍ଥ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ତାଡ଼କା ବଧ ବେଶ । (ଫଟୋ: ଲୋକନାଥ ମିଶ୍ର)

## ରଣପୁର ବାର୍: ସମସ୍ତେ ନିର୍ଦ୍ୱନ୍ଦ୍ୱ ନିର୍ବାଚିତ

## ରଣପୁର: ସୁବାସ ସଭାପତି, ଉମେଶ ସମ୍ପାଦକ


ସୁବାସ ଚନ୍ଦ୍ର ଜେନା


ଉମେଶ ରଞ୍ଜନ ସାହୁ


ସତ୍ୟରଞ୍ଜନ ମଣ୍ଡା

ରଣପୁର, ୨୮।୩ (ସୁକାନ୍ତ କିଶୋର ଡାକୁଆ)

ଓକିଲ ସଂଘ ନିର୍ବାଚନ ଶନିବାର ହୋଇଥିବା ବେଳେ ନୟାଗଡ଼ ଜିଲା ରଣପୁର ଓକିଲ ସଂଘର ନିର୍ବାଚନ ହୋଇ ଥିଲା। ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରେମନାଥ ମହାପାତ୍ରଙ୍କଠାରୁ ସୂଚନା ମିଳିଛି। ସୂଚନା ଅନୁଯାଇ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ଜେନା, ଉପସଭାପତି ସତ୍ୟରଞ୍ଜନ ମଣ୍ଡା, ସମ୍ପାଦକ ଉମେଶ ରଞ୍ଜନ ସାହୁ, ସଂଯୁକ୍ତ ସମ୍ପାଦକ ଭାବେ ସୁକୁମାର ଗୌରବ,ସହ ସମ୍ପାଦକ ରାଧାମୋହନ ସୁନ୍ଦରା, କୋଷାଧକ୍ଷ ଭାବେ ସୁଶାନ୍ତ କୁମାର ଦାସ,ଲାଇବ୍ରେରୀୟାନ ଭାବେ ସ୍ୱଦେଶ ରଞ୍ଜନ ସେନାପତି ଓ ଏକ୍‌ଜିକ୍ୟୁଟିଭ ମେମ୍ବର ଭାବେ ଲିତାଞ୍ଜଳି ସାହୁ, ନରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ଏହି ନିର୍ବାଚନରେ କୌଣସି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ।

## ଓଡଗାଁ ବାର ଆସୋସିଏଶନ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

## ସୁଶାନ୍ତ ସଭାପତି, ଚିରଞ୍ଜୀବୀ ସମ୍ପାଦକ


ସୁଶାନ୍ତ କୁମାର ମିଶ୍ର


ଚିରଞ୍ଜୀବୀ ଦାଶ

ନୟାଗଡ,୨୮।୩ (ଲୋକନାଥ ମିଶ୍ର)

ଓଡଗାଁ ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ସୁଶାନ୍ତ କୁମାର ମିଶ୍ର ଓ ସମ୍ପାଦକ ଚିରଞ୍ଜୀବୀ ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବିମଳେନ୍ଦୁ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବିଶୋଇ, ପାଠାଗାର ସମ୍ପାଦକ ଭାବେ ବିଜୟ କୁମାର ରଥ, କୋଷାଧକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ଦୋରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିକୁ ପ୍ରଭାତ କୁମାର ପୃଷ୍ଟି, ସଂଗ୍ରାମ କେଶରୀ ପତି, ନାରାୟଣ ନାୟକ, ଦିବ୍ୟ ଜୀବନ ପାଣିଗ୍ରାହୀ ଓ ବିବେକାନନ୍ଦ ସରସ୍ୱତୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

# ନାଟ୍ୟ ସାହିତ୍ୟ, ଅଭିନୟକୁ ନୟାଗଡ଼ର ଅବଦାନ ଅତୁଳନୀୟ

ନୟାଗଡ଼, ୨୮।୩ (ଲୋକନାଥ ମିଶ୍ର)



କଳାକାରଙ୍କୁ ସମ୍ମାନିତ କରାଯାଉଛି।

ଓଡ଼ିଶା ନାଟ୍ୟ ସଂଘ ନୟାଗଡ଼ ଜିଲା ଶାଖା ତରଫରୁ ନୟାଗଡ଼ର ସମସ୍ତ ନାଟ୍ୟ ଅନୁଷ୍ଠାନ, ନାଟ୍ୟକର୍ମୀ ଓ ନାଟ୍ୟପ୍ରେମୀମାନଙ୍କୁ ନେଇ ଶୁକ୍ରବାର 'ବିଶ୍ୱ ନାଟ୍ୟ ଦିବସ' ପାଳିତ ହୋଇଯାଇଛି। ଜିଲା ସଂଯୋଜକ ତଥା ଅଭିନେତା କାମାକ୍ଷା ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶ୍ୱ ନାଟ୍ୟ ଦିବସରେ ନାଟ୍ୟ ନିର୍ଦ୍ଦେଶକ ଗଦାଧର ନନ୍ଦ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ନାଟ୍ୟ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ କଣ୍ଠଶିଳ୍ପୀ ସୁର ଗନ୍ଧର୍ବ ନବକିଶୋର ମିଶ୍ର, ନାଟ୍ୟ ସମୀକ୍ଷକ ସୁଶାନ୍ତ କୁମାର ପଣ୍ଡା, ଓଡ଼ିଶା ନାଟ୍ୟ ସଂଘ ସଦସ୍ୟ ତଥା ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ ବକ୍ତା ଭାବେ ଯୋଗଦେଇ ନାଟ୍ୟ ଦିବସ ପାଳନର ଉପାଦେୟତା ଏବଂ ନୟାଗଡ଼ ନାଟକର ଓଡ଼ିଆ ନାଟକକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ନୟାଗଡ଼ର ନାଟ୍ୟ ପରମ୍ପରା ବେଶ୍ ସମୃଦ୍ଧ। ନାଟ୍ୟ ସାହିତ୍ୟ ହେଉ ଅବା ଅଭିନୟ ପ୍ରତ୍ୟେକ କ୍ଷେତ୍ରରେ ନୟାଗଡ଼ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରିଛି। କେବଳ ମଞ୍ଚ ନାଟକ ନୁହେଁ, ଲୋକ ନାଟକ, ଅପେରା, ପଥପ୍ରାନ୍ତ ନାଟକ ଓ ରାସ ଆଦି କ୍ଷେତ୍ରରେ ମଧ୍ୟ ନୟାଗଡ଼ର ରହିଛି ସ୍ୱତନ୍ତ୍ର ପରିଚୟ। ନୟାଗଡ଼ର ନାଟ୍ୟକାରଙ୍କ ନାଟକ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମଞ୍ଚସ୍ଥ ହେବା ଗୌରବର କଥା। ନାଟକ ପାଇଁ ଅତ୍ୟନ୍ତ ଆବଶ୍ୟକ ଚିତ୍ରାଳୟର ପ୍ରମୁଖ ସ୍ଥାନ ହେଉଛି ଇଟାମାଟି। ଆଜି ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନ ଏବଂ ଅନ୍ୟ ରାଜ୍ୟକୁ ନାଟକ ପାଇଁ ଆବଶ୍ୟକ ଉପକରଣ ଇଟାମାଟି ଚିତ୍ରାଳୟରୁ ପଠାଯାଉଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ଜ୍ଞାନ ପ୍ରକାଶ ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ନୟାଗଡ଼ର ଅନ୍ୟ ପ୍ରମୁଖ ନାଟ୍ୟକର୍ମୀ ଗୋକୁଳ କୁମାର ଷଡ଼ଙ୍ଗୀ, ନିରଞ୍ଜନ ନାୟକ, ନିର୍ଦ୍ଦେଶକ ଡ. ଆଶୁତୋଷ ମିଶ୍ର, ଅଭିନେତା ରଞ୍ଜନ ରଶ୍ମି ଜେନା, ରାମକୃଷ୍ଣ ନାୟକ, ଗତିକୃଷ୍ଣ ପ୍ରଧାନ ପ୍ରମୁଖ ନାଟକକୁ ନେଇ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଓଡ଼ିଶାର ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ପବିତ୍ର କୁମାର ମହାନ୍ତି ନାଟକ ସାଧାରଣ ଜୀବନକୁ କେମିତି ପ୍ରଭାବିତ କରେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଶେଷରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ଅଭିଲିପ୍ସା ସାହୁ ଓ ଛାତ୍ର ଦୀପଙ୍କର ଦାଶ ଯଥାକ୍ରମେ ଏକକ ଅଭିନୟ ତଥା ମୂକାଭିନୟ ପରିବେଷଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

